
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ମଇ ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE





**ମୁଖ୍ୟ ଉପଦେଷ୍ଟା**

**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଷଷ୍ଠ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 6, May 2020, Issue No. II
**RNI No. : ODIODI/2015/64435**
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
କାର୍ଯ୍ୟନିର୍ବାହୀ ସଂପାଦକ:
**ଡ. ସୁମନ୍ତ ସାଇଁ**
ପରିଚାଳକ ସଂପାଦକ:
**ଡ. ଦିପକ କୁମାର ଦାଶ**
ସହ ସମ୍ପାଦକ :
**ଡ. ନାରାୟଣ ମହାନ୍ତି**
**ଡ. ଅଞ୍ଜୁମନ ଆରା**
**ଡ. ଆଲୋକ କୁମାର ବରାଳ**
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
**ଡ. ଜ୍ଞାନୀ ଦେବାଶିଷ ମିଶ୍ର**
**ଡ. ନେତାଜୀ ଅଭିନନ୍ଦନ**
**ଡ. ନିରୋଦ କୁମାର ମନ୍ତ୍ରୀ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଲଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheenews.com**


## ଏଇ ସଂଖ୍ୟାରେ...


ଭାରତରେ ସାମ୍ୟବାଦ
— ପ୍ରଫେସର ନିତ୍ୟାନନ୍ଦ ମିଶ୍ର ୦୭

ଆମ ସାରସ୍ୱତ ଭୂଖଣ୍ଡର ଅତୀତ ଓ ବର୍ତ୍ତମାନ
— ଡଃ କୃଷ୍ଣଚନ୍ଦ୍ର ଭୂୟାଁ ୦୯

''ନିଷ୍ପାପର କର୍ମ ହିଁ ବ୍ରାହ୍ମଣର ସର୍ବସ୍ୱ''
— ଶ୍ରୀ ନରସିଂହ ମହାପାତ୍ର ୧୨

ସୀମାନ୍ତରେ ଜୀବନ
— ବଲ୍ଲଭ ରାଉତ ୧୪

କୁହୁଡି
- ମୀନା ସ୍ୱାଇଁ ୧୬

ବିଶ୍ୱାସ
— ବାଉରିବନ୍ଧୁ ଲେଙ୍କା ୨୨

ସାଂପ୍ରତିକ ସମାଜରେ ନାରୀର ସ୍ଥିତି
— ଅଧ୍ୟାପିକା ନଳିନୀ ବେହେରା ୨୬

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................
ଠିକଣା ....................................................... ପିନ୍‌କୋର୍ଡ଼ ................................
ମୋବାଇଲ୍ ନମ୍ବର ........................................ ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................................. ତାରିଖ....................................
ବ୍ୟାଙ୍କ୍.................................... ସ୍ଥାନ.....................................................
ତାରିଖ...................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**
ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheenews.com

# ଭାରତରେ ସାମ୍ୟବାଦ

– ପ୍ରଫେସର ନିତ୍ୟାନନ୍ଦ ମିଶ୍ର

ଭାରତୀୟ ରାଜନୀତିରେ ଏବେ ସାମ୍ୟବାଦୀ ଦଳ ଓ ସାମ୍ୟବାଦୀ (ମାର୍କ୍ସିଷ୍ଟ) ନାମକ ଦୁଇଟି କମ୍ୟୁନିଷ୍ଟ ସର୍ବ ଭାରତୀୟ ଦଳ ଅଛନ୍ତି । ଏହାଛଡ଼ା ରିଭଲ୍ୟୁସନାରୀ ସୋସିଆଲିଷ୍ଟ, ଫରୱାର୍ଡ ବ୍ଲକ୍ ଓ ସୋସିଆଲିଷ୍ଟ ଇଉନିଟ୍ ସେଣ୍ଟର ଭଳି କେତୋଟି ଆଞ୍ଚଳିକ ଛୋଟ ଦଳ ବି ଅଛନ୍ତି । ହେଲେ ସାମ୍ୟବାଦୀ ଦଳମାନେ କାୟା ବିସ୍ତାର କରି ପାରୁ ନାହାଁନ୍ତି । ସ୍ୱାଧୀନତା ପ୍ରାପ୍ତି ବେଳକୁ କେରଳ, ପଶ୍ଚିମ ବଙ୍ଗଳା ଓ ଆନ୍ଧ୍ର ପ୍ରଦେଶର କେତେକ ଅଞ୍ଚଳରେ ସାମ୍ୟବାଦୀ ଦଳ ନିଜର ସ୍ଥିତି ରକ୍ଷା କରିଥିଲା । କ୍ରମଶଃ ଏହି ଦଳମାନେ ସଙ୍କୁଚିତ ହୋଇ ପଶ୍ଚିମ ବଙ୍ଗଳାରୁ ଅଦୃଶ୍ୟ ହେଲାଣି । କେରଳ ହିଁ ଶେଷ ଦୁର୍ଗ ଭାବରେ ଛିଡ଼ା ହୋଇଛି । ସାମ୍ୟବାଦର ଅସ୍ତିତ୍ୱ ହଜି ଯାଉଥିବାର କାରଣ ଓ ଭାରତରେ ସାମ୍ୟବାଦ କେତେ ସମ୍ଭବ ବୋଲି ଏକ ବିଚାର ଉପସ୍ଥାପନ କରାଯାଉଛି ।

କାର୍ଲମାର୍କ୍ସ ସାମ୍ୟବାଦର ଜନକ । ରୁଷିଆର ଜାର ରାଜତନ୍ତ୍ରର ଅନ୍ୟାୟ, ଅତ୍ୟାଚାର-ବିକ୍ଷୁବ୍ଧ ଶାସକ ମାର୍କସ ଲକ୍ଷ୍ୟ କରି ତାହାର ପ୍ରତିକାର ପାଇଁ କହିଥିଲେ ..... ଏପରି ଶାସନ ଆସିବା ଦରକାର ଯହିଁରେ "ପ୍ରତ୍ୟେକ ଲୋକ ନିଜ ଦକ୍ଷତା ଅନୁସାରେ ଉତ୍ପାଦନ କରିବ ଓ ନିଜ ଆବଶ୍ୟକତା ଅନୁସାରେ ପାଇବ" । (From each according to his ability and to each according to his needs.) । ଏହା ଏକ ସ୍ୱର୍ଣ୍ଣ ସକାଳର ସମ୍ଭାବନା । ତେବେ ଏହାକୁ ବାସ୍ତବ କ୍ଷେତ୍ରରେ ଛିଡ଼ା କରିବାକୁ ତତ୍କାଳୀନ ରୁଷିଆର ଶାସକ ଷ୍ଟାଲିନ ଓ ଟ୍ରଟସ୍କି ବହୁ ଭାବରେ ମାର୍କ୍ସବାଦରେ ସଂସ୍କାର କରିଥିଲେ । ରୁଷିଆ ବିଶ୍ୱର ପ୍ରଥମ ସାମ୍ୟବାଦୀ ବା କମ୍ୟୁନିଷ୍ଟ ଦେଶ । ଏହା ପରେ ପୂର୍ବ ଇଉରୋପୀୟ ଦେଶ ପୋଲାଣ୍ଡ, ହଙ୍ଗେରି, ଚେକୋସ୍ଲୋଭାକିଆ ଆଦି ଦେଶ ସାମ୍ୟବାଦୀ ଦେଶ ହୋଇଗଲେ । ମାର୍କ୍ସଙ୍କ ପରି ଟ୍ରଟସ୍କି ମଧ୍ୟ ଜଣେ ଚିନ୍ତାନାୟକ ଥିଲେ । ଟ୍ରଟସ୍କିଙ୍କ ମତରେ ବିପ୍ଳବ ଥରକରେ ବା ଗୋଟିଏ ଛକରେ ସିଦ୍ଧ ହୁଏ ନାହିଁ । ସମାଜ ପରିବର୍ତ୍ତନଶୀଳ, ସାମାଜିକ ସ୍ଥିତି ସ୍ଥିର ରହେ ନାହିଁ । ଏହା ନିତ୍ୟ ପରିବର୍ତ୍ତନଶୀଳ । ସାମାଜିକ ପରିବର୍ତ୍ତନକୁ ଚାହିଁ ଶାସନର ଆଭିମୁଖ୍ୟ ଓ ଢାଞ୍ଚାଗତ ପରିବର୍ତ୍ତନ ଅବଶ୍ୟମ୍ଭାବୀ । ବୋଧହୁଏ ଟ୍ରଟସ୍କି ଠିକ୍ ବାଟ ବତେଇଛନ୍ତି । ଏହି କାରଣରୁ ରୁଷିଆ ମାର୍କ୍ସଙ୍କ ସ୍ୱର୍ଣ୍ଣ ସକାଳର ସନ୍ଧାନ ପାଇଲା ନାହିଁ । 1991 ରେ ରୁଷିଆର ଶାସକ ଗୋର୍ବାଚୋଭ ରୁଷିଆର ସାମ୍ୟବାଦୀ ବ୍ୟବସ୍ଥାକୁ ବଦଳେଇ ସାମାଜବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରଚଳନ କଲେ । ତାକୁ ଦେଖି ପୂର୍ବ ଇଉରୋପୀୟ ସାମ୍ୟବାଦୀ ଦେଶମାନେ ମଧ୍ୟ ସାମ୍ୟବାଦୀ ଶାସନ ବଦଳରେ ଗଣତାନ୍ତ୍ରିକ ସମାଜବାଦ ପ୍ରଚଳନ କଲେ । ମାର୍କ୍ସଙ୍କ ସାମ୍ୟବାଦୀ ଶାସନ ବଦଳି ଗଲା । ଏସିଆ ମହାଦେଶରେ ଚୀନ 1947 - 48 ବେଳକୁ ସାମ୍ୟବାଦୀ ଦେଶ ହୋଇଗଲେ ।

ସାମ୍ୟବାଦ ଓ ଗଣତନ୍ତ୍ର ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ କ'ଣ ? ପାର୍ଥକ୍ୟ ତିନୋଟି ଯଥା ..... ସାମ୍ୟବାଦୀ ବ୍ୟବସ୍ଥାରେ ହିଂସାର ସ୍ଥାନ ଅଛି । ସ୍ୱଚ୍ଛଳ ବର୍ଗଙ୍କ କବଳରୁ ସର୍ବହରା (ଗରିବ)ଙ୍କୁ ଶୋଷଣରୁ ମୁକ୍ତ କରିବାକୁ ହିଂସା ପ୍ରୟୋଗ କରାଯାଇପାରେ । ଦୁଇରେ ସାମ୍ୟବାଦୀ ଶାସନରେ ବ୍ୟକ୍ତି ସ୍ୱାଧୀନତା ଅତି ଗୌଣ । ରାଷ୍ଟ୍ରମୁଖ୍ୟ ଓ ବ୍ୟକ୍ତି ଗୌଣ । ତୃତୀୟରେ ରାଜନୀତି (ରାଷ୍ଟ୍ର) ଓ ଧର୍ମ ପରସ୍ପରଠାରୁ ପୃଥକ ହୋଇ ରହିବେ । ଭାରତ ଏପରି ସାମ୍ୟବାଦକୁ ଗ୍ରହଣ କରିନାହିଁ । ଭାରତ କାହିଁକି, ବିଶ୍ୱର ଖୁବ୍ କମ୍ ଦେଶ ଗ୍ରହଣ କରିଛନ୍ତି । ପୂର୍ବ ଇଉରୋପରେ ଓ ଦକ୍ଷିଣ ଆମେରିକାର ଲୋକେ ସାମ୍ୟବାଦକୁ ନୂଆ ରୂପ ଦେଇଛନ୍ତି । ଏହାକୁ ସେମାନେ ଗଣତାନ୍ତ୍ରିକ ସମାଜବାଦ ବା (Democratic Socialism) କହୁଛନ୍ତି । ଏହା ଗଣତନ୍ତ୍ର ଓ ସାମ୍ୟବାଦର ଏକ ସମ୍ମିଳିତ ରୂପ । ଏଥିରେ ସେମାନେ ବ୍ୟକ୍ତି ସ୍ୱାଧୀନତାକୁ ସ୍ୱୀକାର କରି ରାଷ୍ଟ୍ରର ଭୂମିକାକୁ ମୁଖ୍ୟ କରାଯାଇଥିଲେ ମଧ୍ୟ ବ୍ୟକ୍ତି ସ୍ୱାଧୀନତାକୁ ଜଳାଞ୍ଜଳି ଦେଇ ନାହାଁନ୍ତି । ହିଂସାକୁ ମୁଖ୍ୟତଃ ବର୍ଜିତ ହୋଇଛି । ସେମାନଙ୍କର ଏଜେଣ୍ଡାରେ ଗରିବ, ଦୁଃଖୀ ମଣିଷର ବିକାଶ ସର୍ବାଗ୍ରେ । ରାଷ୍ଟ୍ରର ସମସ୍ତ କାର୍ଯ୍ୟକ୍ରମର କେନ୍ଦ୍ରରେ ଗାଁ ଗହଳରେ ରହିଥିବା ଅବହେଳିତ ମଣିଷ । ପୂର୍ବ ଇଉରୋପୀୟ ଦେଶକୁ ଚାହିଁ ଭାରତରେ ରିଭଲ୍ୟୁସନାରି ସୋସିଆଲିଷ୍ଟ ପାର୍ଟି ଓ ସୋସିଆଲିଷ୍ଟ ଇଉନିଟ ସେଣ୍ଟର ଦଳ ଆଞ୍ଚଳିକ ଦଳ ଭାବରେ କାମ କରୁଛନ୍ତି ।

ଦେଶ ସ୍ୱାଧୀନ ହେଲା ବେଳକୁ ଦେଶ ଦାରିଦ୍ର୍ୟରେ ଶଢୁଥିଲା । ଅର୍ଦ୍ଧାଧିକ ଲୋକଙ୍କ ପେଟକୁ ଦୁଇ ଓଳା ଦାନା ମିଳୁ ନଥିଲା । ରୋଗୀକୁ ଔଷଧ ନଥିଲା । ହାତରେ ପଇସା ନଥିଲା । 1972 ଯାଏଁ ଏହି ଦୁରବସ୍ଥା ଲାଗି ରହିଥିଲା । ଏହି ଅବସ୍ଥାର ସୁଯୋଗ ସାମ୍ୟବାଦୀ ଦଳମାନେ ନେଲେ ନାହିଁ । ସେଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ସମ୍ବିଧାନରେ ସଂଶୋଧନ କରି ଭାରତକୁ (Democratic, Socialist) ଗଣତାନ୍ତ୍ରିକ ସମାଜବାଦୀ ରାଷ୍ଟ୍ରରେ ପରିଣତ କଲେ । ତା ପରେ ଆଣିଲେ ବିଂଶସୂତ୍ରୀ (Twenty Point Programme) କାର୍ଯ୍ୟକ୍ରମ । ବିଂଶ ସୂତ୍ରୀ କାର୍ଯ୍ୟକ୍ରମ କେବଳ 'ଗରିବୀ ହଟାଓ' କାର୍ଯ୍ୟକ୍ରମ । ଏ ଦେଶର କୋଟି କୋଟି ଗରିବ ଲୋକଙ୍କର ଦୁଃଖ ଲାଘବ ନିମନ୍ତେ ଏହାକୁ ଅଣା ଯାଇଥିଲା । ମାତ୍ର ଏହା ନିର୍ବାଚନ – ସର୍ବସ୍ୱ ଏକ ସ୍ଲୋଗାନ ଥିଲା । କଂଗ୍ରେସ ଦଳ ଏହି କାର୍ଯ୍ୟକ୍ରମକୁ ଏକ ଅବିଚଳିତ ଆଦର୍ଶ ଭାବେ ତାର ଜାତୀୟ ଯୋଜନାରେ ସମନ୍ୱିତ କଲା ନାହିଁ । ସେଇ ବଡ଼ ବଡ଼ିଆ ଓ ତଳ ତଳିଆ ଅସମାନତା ପୂର୍ବବତ୍ ରହିଗଲା । ଦୁଇ ସାମ୍ୟବାଦୀ ଦଳ କଂଗ୍ରେସର ଲାଞ୍ଜ ହୋଇ ରହିଲେ । ନିଜ କାର୍ଯ୍ୟକ୍ରମରେ ଏହାକୁ ଭାରତର କୋଣ ଅନୁକୋଣରେ ପହଞ୍ଚାଇ ପାରିଲେ ନାହିଁ । ଯଦି ଦାରିଦ୍ର୍ୟ ସାମ୍ୟବାଦର କାରଣ (ସର୍ବହରା), ତେବେ ଭାରତ ତାର ସମ୍ବିଧାନରେ ସାମ୍ୟବାଦକୁ ଗ୍ରହଣ କଲା ନାହିଁ କାହିଁକି ? ନାଁ, ଦାରିଦ୍ର୍ୟ ସାମ୍ୟବାଦର ଉଦବର୍ତ୍ତନ ନିମନ୍ତେ ଯଥେଷ୍ଟ କାରଣ ନୁହେଁ, ଏହା ଭାରତର ଲୋକେ ବର୍ଷ ବର୍ଷର ଅନୁଭୂତିରୁ ପ୍ରମାଣ କରିଛନ୍ତି । ତେବେ ଏଥିପାଇଁ ବାଧକ କଣ ହେଲା ତାହା ଜାଣିବାର କଥା । ବହୁ ବିଜ୍ଞ ଅନୁଧ୍ୟାନ କହେ ଯେ ଭାରତରେ ସାମ୍ୟବାଦର ଉଦବର୍ତ୍ତନ ପଥରେ ଭାରତୀୟ ସଂସ୍କୃତି ଘୋର ଅନ୍ତରାୟ ଭାବେ ଛିଡ଼ା ହୋଇଛି । ହିନ୍ଦୁ ଭାବନାରେ ଭାଗ୍ୟ ଓ ବିଧାତାଙ୍କର ଭୂମିକା ଅତ୍ୟନ୍ତ ବଳବାନ । ଭାରତର ଲୋକେ ତାର ଗରିବୀ ପାଇଁ ନିଜ ଭାଗ୍ୟକୁ ଦୋଷ ଦିଏ । ବିଧାତାର ଲିଖନ ବୋଲି ଧରିନିଏ । ଅନ୍ୟ କେଉଁ ମଣିଷକୁ ଦୋଷ ନିଏ ନାହିଁ । ଫ୍ରାନ୍ସର ଲୋକେ ନିଜର ଦୁର୍ଭାଗ୍ୟ ପାଇଁ ରାଜା ଓ ରାଜାର ଶାସନକୁ ଦୋଷ ଦେଇଥିଲେ । ଆମେରିକାର ଉପନିବେଶର ଲୋକେ ବ୍ରିଟିଶ ସାମ୍ରାଜ୍ୟବାଦକୁ ଦୋଷ ଦେଇଥିଲେ । ଭାଗ୍ୟବାଦୀ ଭାରତର ଲୋକଙ୍କୁ 62 ବର୍ଷ ଲାଗିଗଲା ସ୍ୱାଧୀନ ହେବାକୁ । ଆମ ନେତା ଭାଗ୍ୟବାଦୀ ଓ ଆମ ଲୋକେ ଭାଗ୍ୟବାଦୀ ।

ଭାରତର ମୁଖ୍ୟ ରାଜନୈତିକ ଦଳମାନ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ବିଚାର ଆଧାରରେ ଗଢ଼ା ହୋଇ ନାହାଁନ୍ତି । ସ୍ୱାଧୀନତାର ପ୍ରାକ୍ କାଳରେ କଂଗ୍ରେସ ଏକ ଆନ୍ଦୋଳନ ଥିଲା, ଦଳ ନଥିଲା । ଏଥିରେ ବାମ, ଦକ୍ଷିଣ, ମଝି ମଝିକିଆ ବିଚାରର ଲୋକେ ମିଶି ହୋଇଥିଲେ । ଏହାକୁ ଏକ ରାଜନୈତିକ ଦଳ ଭାବେ ଛିଡ଼ା କରି କ୍ଷମତା ହାସଲ କରିବା ଏକ ଐତିହାସିକ କଷ୍ଟକର ପଦକ୍ଷେପ । ସ୍ୱାଧୀନତା ପ୍ରାପ୍ତି ବେଳକୁ ଗାନ୍ଧୀଜୀ କଂଗ୍ରେସକୁ ଉଜେଇଁ ଦେବାକୁ ଚାହିଁଥିଲେ । ତାହା ହୋଇଥିଲେ କଂଗ୍ରେସରେ ଥିବା ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ନିଜ ନିଜ ବାଟ ଧରିଥାନ୍ତେ । ସାମ୍ୟବାଦର ସଫଳତା ପାଇଁ ଏବେ ଦୁଇ ସାମ୍ୟବାଦା ଦଳରେ ନିହାତି ସଂସ୍କାର ବା ପର୍ଜିଙ୍ଗ ଦରକାର । ସେମାନେ କଥା କହିବା ସହିତ ଜନହିତକର କାମ କରିବା ଆବଶ୍ୟକ । ଗୋଟିଏ ଘରୋଇ ଅନୁଷ୍ଠାନ ସାରା ଭାରତରେ ସରସ୍ୱତୀ ଶିଶୁ ମନ୍ଦିର ଚଳେଇ ଭାରତୀୟ ସଂସ୍କୃତିର ପ୍ରସାର କରି ପାରୁଛି, ତେବେ ସାମ୍ୟବାଦୀ ଦଳମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରର ନିମନ୍ତେ ନିଜର ଅନୁଷ୍ଠାନ ଚଳେଇ ସମାଜବାଦ ବା ସାମ୍ୟବାଦ ପ୍ରତି ଲୋକଙ୍କୁ ଆକୃଷ୍ଟ କରି ପାରିବା ସମ୍ଭବ । ସାମାଜିକ ଅବସ୍ଥାର ପରିବର୍ତ୍ତନ ପାଇଁ ସମର୍ପିତ ନେତୃତ୍ୱ ଓ ପରିବର୍ତ୍ତନକାମୀ ଲୋକଶକ୍ତି ଦରକାର । ଯେତେବେଳେ ସାମ୍ୟବାଦୀ ନେତୃତ୍ୱ ସ୍ୱାର୍ଥାନ୍ଧ କାଡ଼ର ବଦଳରେ ମାନବପ୍ରେମୀ କାଡର୍ ନିର୍ମାଣ କରି ପାରିବେ, ସେତେବେଳେ ସମାଜବାଦର ଯୁଗ ଆରମ୍ଭ ହେବ । ଗାନ୍ଧୀ ଚାହୁଁଥିଲେ ରାମରାଜ୍ୟ, ଲୋକେ ଚାହୁଁଛନ୍ତି ରାମ ରାଜ୍ୟ । ସେ ରାମରାଜ୍ୟ ଆଉ କିଛି ନୁହେଁ, ତାହା ସାମ୍ୟବାଦ ବା ସମାଜବାଦର ଏକ ନୂତନ ଗଣତାନ୍ତ୍ରିକ ପ୍ରସ୍ଥ ।

*ଶାନ୍ତିଛାୟା, ଶ୍ୟାମାଚରଣ ପୁର, ଢେଙ୍କାନାଳ – ୧*

*ମୋ : ୯୪୩୭୭୩୬୧୦୦୬*

# ଆମ ସାରସ୍ୱତ ଭୂଖଣ୍ଡର ଅତୀତ ଓ ବର୍ତ୍ତମାନ

– ଡଃ କୃଷ୍ଣଚନ୍ଦ୍ର ଭୂୟାଁ

ଏବେ କଟକରୁ ଚଣ୍ଡୀଖୋଲ ଦେଇ କୁସୁପୁର, ବାଲିଚନ୍ଦ୍ରପୁର, ରଇପୁର, ବାଲିଆ, ରତ୍ନଗିରି ପ୍ରଭୃତି ଅଞ୍ଚଳକୁ ଯିବା ପାଇଁ ଯେଉଁ ସୁବିଧା ସୁଯୋଗ ମିଳୁଛି ଚାଳିଶ, ପଚାଶ ବର୍ଷ ପୂର୍ବେ ସେଇ ସୁବିଧା ସୁଯୋଗ ନଥିଲା । ଏବେ ନିୟମିତ ବସ, ଟ୍ରେକର ପ୍ରଭୃତି ଚଳିବା ଫଳରେ ଦୂରତା ସଙ୍କୁଚିତ ହୋଇଯାଇଛି ଏବଂ ସଂଲଗ୍ନ ଅଞ୍ଚଳଗୁଡ଼ିକର ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଛି । ଅବଶ୍ୟ ରତ୍ନଗିରି, ଉଦୟଗିରି, ଲଳିତଗିରି ପ୍ରଭୃତି ସ୍ଥାନର ପ୍ରତ୍ନତାତ୍ତ୍ୱିକ ବୈଶିଷ୍ଟ୍ୟ ପାଇଁ ଗମନାଗମନ ପଥର ସୁଗମ ତ୍ୱରାନ୍ୱିତ ହୋଇଛି ବୋଲି ସ୍ୱୀକାର କରିବାକୁ ହେବ । ୧୯୫୯ – ୬୦ ମସିହା ବେଳକୁ ଏଇ ଅଞ୍ଚଳର ଲୋକମାନେ ଚାଲିଚାଲି ଧାନମଣ୍ଡଳ କିମ୍ବା ହରିବାସପୁର ରେଲଷ୍ଟେସନକୁ ଯାଉଥିଲେ । ସେଠୁ ପାସେଞ୍ଜର ଟ୍ରେନ୍‌ରେ ଚଢ଼ି କଟକ ଯାଉଥିଲେ ।

ବର୍ତ୍ତମାନ ବରୀ, ବାଲିଆ, ରଇପୁର, ରତ୍ନଗିରି, ବାଲିଚନ୍ଦ୍ରପୁର, ବଡ଼ଚଣା, ମହାଙ୍ଗା ପ୍ରଭୃତି ଅଞ୍ଚଳରେ ବହୁ ଲେଖକ, ଶିଳ୍ପୀ, ଗବେଷକ, ଶିକ୍ଷକ, ବୁଦ୍ଧିଜୀବୀ ଓ ନେତାଙ୍କର ଆବିର୍ଭାବ ଘଟିଛି । ସେମାନଙ୍କ ମଧ୍ୟରୁ କେହି ଗାଆଁରେ ତ କେହି ସହରରେ ରହୁଛନ୍ତି । ସାହିତ୍ୟସଭା, କବିତା ପାଠୋତ୍ସବ, ସାଂସ୍କୃତିକ ଉତ୍ସବ, ମହାପୁରୁଷମାନଙ୍କ ଜୟନ୍ତୀ ଓ ରାଜନୈତିକ ସଭା ଏ ଅଞ୍ଚଳରେ ସାଧାରଣ ଘଟଣା ହୋଇଯାଇଛି । ୧୯୬୦ ବେଳକୁ ଆଙ୍ଗୁଳି ଗଣତି କେତେ ଜଣ ଲେଖକ ଥିଲେ । ସେମାନଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ବସନ୍ତ କୁମାର ସାମଲ, ଭଜହରି ମହାପାତ୍ର, ମତଲୁବ ଅଲୀ ଥିଲେ ପରିଚିତ । ବରିଷ୍ଠ ଲେଖକମାନଙ୍କ ମଧ୍ୟରେ ଥିଲେ ରାଜେନ୍ଦ୍ର ବର୍ମା, ଜ୍ଞାନୀନ୍ଦ୍ର ବର୍ମା, ଲବଙ୍ଗଲତା ଦେବୀ ପ୍ରମୁଖ । ସେଇ ଦଶକରେ ରତ୍ନଗିରିରେ ବୁଦ୍ଧ ଜୟନ୍ତୀ ଓ ବାଲିଆରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ଆରମ୍ଭ ହେଲା ପୁଷ୍ପଗିରି ପରିଷଦ ତରଫରୁ । ପଲ୍ଲୀକବି ନନ୍ଦ କିଶୋର, ବୈଷ୍ଣବ ପାଣିଙ୍କ ଜୟନ୍ତୀ ଓ ବିଦ୍ୟାଧର ବର୍ମାଙ୍କ ବିଶ୍ୱନାଥଙ୍କ ଶ୍ରାଦ୍ଧ ଦିବସ ପାଳିତ ହେଲା ସେହି ସମୟରୁ । ଅଞ୍ଚଳର ଗୌରବ ପ୍ରତିପାଦନ ଓ ଓଡ଼ିଆ ସାହିତ୍ୟର ବିକାଶ ସାଧନ କରିବାକୁ ପୁଷ୍ପଗିରି ପରିଷଦ ତରଫରୁ 'ପୁଷ୍ପଗିରି' ପତ୍ରିକା ପ୍ରକାଶିତ ହେଲା । ଏବେ ଜୟନ୍ତୀ ଉତ୍ସବ ଗୁଡ଼ିକର ସଂଖ୍ୟା ବୃଦ୍ଧି ଘଟିଛି । ପତ୍ରିକା ଓ ପୁସ୍ତକ ପ୍ରକାଶନର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ଲେଖକ, କବି, ନାଟ୍ୟକାର, ଶିଳ୍ପୀ, ଗବେଷକ, ସାମ୍ବାଦିକ, ନେତା, ଅଭିନେତା ମାନଙ୍କ ସଂଖ୍ୟା ଯେଉଁ ହାରରେ ବୃଦ୍ଧି ପାଇଛି ତାହାର ସଠିକ୍ ହିସାବ କରିହେବ ନାହିଁ । ଏବେ ବୈଷ୍ଣବ ପାଣି ଓ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ଉତ୍ସବ ବ୍ୟାପକ ଆକାରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଭାବେ ପାଳିତ ହେଉଛି । ବୁଦ୍ଧ ଜୟନ୍ତୀ ମଧ୍ୟ ସେୟା । ଅଭିମନ୍ୟୁ ବି. ବର୍ମା, ବିଶ୍ୱନାଥ କର, ପଲ୍ଲୀକବି, ପ୍ରାଣନାଥ ସାମଲ, ବୈଷ୍ଣବ ପାଣି, ଜଗନମୋହନ ଲାଲା, ଅରକ୍ଷିତ ଦାସ ଏଇ ଅଞ୍ଚଳର ସାରସ୍ୱତ ସମ୍ପଦ ।

ସାମାଜିକ, ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ଏ ଅଞ୍ଚଳରେ ଏକ ଜାଗରଣ ସୃଷ୍ଟି ହୋଇଛି କହିଲେ ଭୁଲ ହେବ ନାହିଁ । ଲକ୍ଷଣୀୟ ଯେ ମାନବିକ ମୂଲ୍ୟବୋଧ ଯେଉଁ ମାତ୍ରାରେ ବୃଦ୍ଧି ପାଇବା କଥା ତାହା ହୋଇନାହିଁ । ବରଂ ତୁଳନାମୂଳକ ଭାବେ ଏହାର ଅଧୋଗତି ହୋଇଛି । କେବଳ ଅଶିକ୍ଷିତ ଲୋକମାନଙ୍କର ନୁହେଁ, ଶିକ୍ଷିତ ଲୋକମାନଙ୍କର ମଧ୍ୟ ଚରିତ୍ର ସ୍ଖଳନ ଘଟିଛି ।

୧୯୬୦ ପୂର୍ବରୁ ଅମଠପୁର ଓ ରଇପୁରରେ କେବଳ ମଧ୍ୟ ଇଂରାଜୀ ବିଦ୍ୟାଳୟ ଥିଲା । ହାଇସ୍କୁଲ ଥିଲା ଇନ୍ଦୁପୁର, ବରୀ, କୁସୁପୁର, ଶୁକ୍ଳେଶ୍ୱରରେ । ଛାତ୍ରମାନେ ଅମଠପୁର ଓ ଭରପୁରରୁ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ପଢ଼ାସାରି ଇନ୍ଦୁପୁର, କୁସୁପୁର, ବରୀ ଓ ଶୁକ୍ଳେଶ୍ୱର ହାଇସ୍କୁଲକୁ ପଢ଼ିବାକୁ ଯାଉଥିଲେ । ଏବେ ଧର୍ମଶାଳା, ବଡ଼ଚଣା, ମାହାଙ୍ଗା ଓ ବିଞ୍ଝାରପୁର ଅଞ୍ଚଳରେ ହାଇସ୍କୁଲ ସଂଖ୍ୟା ଶତାଧିକ ହେବ ଏବଂ କଲେଜର ସଂଖ୍ୟା ଦଶରୁ ଅଧିକ ହେବ । ଶିକ୍ଷାର ପ୍ରସାର ଯଥେଷ୍ଟ ଘଟିଛି, ଏକଥା ସହଜରେ କହିହେବ । କିନ୍ତୁ ଯଥାର୍ଥରେ ଶିକ୍ଷିତ କେତେ ଜଣ ହୋଇଛନ୍ତି ସେ କଥା ଚିନ୍ତା କରିବାର କଥା ।

ଏ ଅଞ୍ଚଳରେ ପିଚୁ ରାସ୍ତା ତିଆରି ହୋଇଛି ନଈ, ନାଳରେ ପୋଲ ହୋଇଛି । ଲୋକମାନେ ଅକ୍ଳେଶରେ ମଟର ସାଇକେଲ, ରିକ୍ସା, ଟ୍ରେକର, କାର ଓ ବସ୍‌ରେ ଯାତାୟାତ କରୁଛନ୍ତି । ଆଗେ ବର୍ଷା ଦିନେ ଗୋଟିଏ ଗାଆଁରୁ ଆଉ ଗୋଟିଏ ଗାଆଁକୁ ଯିବା ଲୋକେ ଡରୁଥିଲେ । ଏବେ ତାହା ନାହିଁ । ବନ୍ୟାଞ୍ଚଳ ବୋଲି ବାହାର ଦୁନିଆର ଲୋକମାନେ ଏ ଅଞ୍ଚଳ ନାଆଁ ଶୁଣିଲେ ନାକ ଟେକୁଥିଲେ । ବନ୍ୟା, ଦୁର୍ଭିକ୍ଷ, ବାତ୍ୟା ଏ ଅଞ୍ଚଳର ଚିରସାଥୀ । କୃଷି ସମ୍ପଦ ଉପରେ ନିର୍ଭରଶୀଳ ଲୋକମାନେ ଭୋକ ଉପାସରେ ରହିନପାରି ଜୀବିକା ଅର୍ଜନ କରିବାକୁ କଲିକତା ଦିଲ୍ଲୀ, ବମ୍ବେ ଚାଲିଯାଉଥିଲେ । ଏବେ ହୁଏତ ବନ୍ୟାର ପ୍ରକୋପ ନାହିଁ ; କିନ୍ତୁ କୃଷିର ଉନ୍ନତି ହୋଇନାହିଁ । କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଲୋକମାନେ ଗାଆଁରେ ରହିପାରୁନାହାନ୍ତି । ତେଣୁ ସେମାନେ ସୁରାଟ, ଦିଲ୍ଲୀ, ବମ୍ବେ, ହରିଆନା ଓ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି । ଗାଆଁର ଲୋକମାନଙ୍କୁ ଗାଆଁରେ ଧରି ରଖିବାକୁ ଏ ପର୍ଯ୍ୟନ୍ତ ଯୋଜନାବଦ୍ଧ ଭାବେ କିଛି କାର୍ଯ୍ୟ ହୋଇନାହିଁ । ଗାଆଁକୁ ଟେଲିଫୋନ୍ ଗଲାଣି, ବିଦ୍ୟୁତ୍ ଆଲୁଅ ଗଲାଣି, ପାଇପ୍‌ରେ ପିଇବା ପାଣି ପହଞ୍ଚିଗଲାଣି । ଏହା ଏକ ସୁଖୀକର ଓ ବସ୍ତୁବାଦୀ ସମାଜର ଉପହାର । ଦୋକାନ, ଛକ, ବଜାର, ହୋଟେଲ, ଜଳଖିଆ ଦୋକାନ ମାନଙ୍କରେ ଦେଶୀ ମଦ, ବିଦେଶୀ ମଦ ବିକ୍ରି ହେଲାଣି । ପୁଅ ଝିଅମାନଙ୍କ ବେଶ ପୋଷାକରେ ନଗ୍ନତା ଫୁଟି ଉଠିଲେଣି, ସେମାନଙ୍କ ବ୍ୟବହାର, ଚାଲିଚଳନ ଶିଷ୍ଟାଚାର ବର୍ହିଭୂତ ହେଲାଣି । ଷାଠିଏ ବର୍ଷ ପୂର୍ବେ ଅନୂଢ଼ାମାନେ ନଈ ପୋଖରୀକୁ ଗାଧୋଇ ଯିବା ବେଳେ ମୁଣ୍ଡରେ ଅଧା ଓଢ଼ଣା ଟାଣି ଯାଉଥିଲେ । ଏବେ ସେମାନଙ୍କ ଝିଅମାନେ ଜିନ୍‌ସ ପିନ୍ଧୁଛନ୍ତି, ଓଠରେ ମୁହଁରେ ରଙ୍ଗ ମାରୁଛନ୍ତି ଓ ବବ୍‌ହେୟାର ରଖୁଛନ୍ତି । ସେହି ଝିଅମାନଙ୍କର ଓ କୁଳବଧୂମାନଙ୍କର ସମ୍ମାନ ଓ ଶାଳୀନତା ବିପନ୍ନ ହେବାକୁ ବସିଲାଣି । ଗାଆଁ ଭିତରେ ନୂଆ ସଂସ୍କୃତି, ନୂଆ ସଭ୍ୟତା ପ୍ରବେଶ କରିଛି । ତାହା ସଙ୍ଗେ ସଙ୍ଗେ ଅପସଂସ୍କୃତି ସରଳ ପାରମ୍ପରିକ ଗ୍ରାମ୍ୟ ଜୀବନକୁ ଆକ୍ରାନ୍ତ କରୁଛି ।

ବିଶିଷ୍ଟ ଜନନାୟକ, ସଂସ୍କାରକ ଓ ସମାଜସେବକ ଗୋପବନ୍ଧୁ ଚୌଧୁରୀ, ବରୀରେ ଆଶ୍ରମ ପ୍ରତିଷ୍ଠା କରି ନବଚେତନାର ବାର୍ତ୍ତା ପ୍ରଚାର କରିଥିଲେ । ବିଶିଷ୍ଟ ସାହିତ୍ୟିକ, ଆଦର୍ଶ ଶିକ୍ଷକ ଓ ବ୍ରାହ୍ମନେତା, ବିଶ୍ୱନାଥ କର ମୂଳବସନ୍ତରେ ଜନ୍ମଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ସେ ଓଡ଼ିଶାର ଜନମାନସକୁ ନୂତନ ଆଲୋକରେ ଆଲୋକିତ କରିଥିଲେ । ସେମାନଙ୍କ ତ୍ୟାଗ, ଆଦର୍ଶ, ଜନସେବା ଓ କର୍ତ୍ତବ୍ୟନିଷ୍ଠା ଥିଲା ଅତୁଳନୀୟ । ଆଜିର ଯୁବ ସମାଜ ପାଇଁ ସେମାନେ ପ୍ରେରଣାର ଉତ୍ସ । ରତ୍ନଗିରିର ସୁଜାତ ଅଲ୍ଲୀଙ୍କୁ ଅଳ୍ପ କେଇଜଣ ମନେ ରଖିଥିବେ । ସେ ଭାରତୀୟ ଡାକ ବିଭାଗର ଜଣେ କର୍ମଚାରୀ ଥିଲେ । ଡାକ ବ୍ୟାଗ ନେଇ ଯାଉଥିବା ବେଳେ ସେ ଡକାୟତମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ । ବ୍ୟାଗରୁ ଲକ୍ଷାଧିକ ଟଙ୍କା ଛଡ଼ାଇ ନେବା ଥିଲା ଡକାୟତମାନଙ୍କର ଲକ୍ଷ୍ୟ । ଡକାୟତମାନଙ୍କ ସଶସ୍ତ୍ର ଆକ୍ରମଣରେ ସେ ଆହତ ହୋଇ ପ୍ରାଣତ୍ୟାଗ କଲେ ସିନା, ଡାକ ବ୍ୟାଗଟିକୁ ହାତରୁ ଛାଡ଼ିଲେ ନାହିଁ । ବ୍ୟାଗଟି ଛାଡ଼ି ଦେଇଥିଲେ ହୁଏତ ସେ ବଞ୍ଚିଯାଇ ଥାଆନ୍ତେ । ସୁଜାତ ଅଲ୍ଲୀଙ୍କ ସାହସ, କର୍ତ୍ତବ୍ୟ ନିଷ୍ଠା ଓ ଆତ୍ମତ୍ୟାଗ ସାମାନ୍ୟ ଘଟଣା ନୁହେଁ । ଇନ୍ଦୁପୁରର ନଟବର ଜଗତି କୃଷ୍ଣନଗରର ବୀର କିଶୋର ରାୟ, ଭିକାରୀ ଚରଣ ମହାନ୍ତି, ବରୀର ଭଗୀଥର ଦାସ, ପ୍ରିୟମ୍ବଦା ଦାସ, ରାମଚନ୍ଦ୍ର ପୁରର ବାସୁଦେବ ସାମଲ, ଅମଠପୁରର ରଙ୍ଗାଧର ଦାସ, ଅଲିଆବାଦର ମଧୁସୂଦନ ଦାସ, ଅସଲପୁରର ଗୋପାଳଚନ୍ଦ୍ର ଶତପଥୀ ଧାରପୁରର ଦୁଃଶାସନ ଜେନା, ନବଘନ ଜେନା, କଳା ଗୋପାଳପୁରର ମନଗୋବିନ୍ଦ ସାମଲ, ବାଲିଚନ୍ଦ୍ର ପୁରର ଦିବାକର ବିଶ୍ୱାଳ, କୁସୁପୁରର ଜ୍ଞାନୀନ୍ଦ୍ର ବର୍ମା, ରାଜୀନ୍ଦ୍ର ବର୍ମା, ସଚ୍ଚିଦାନନ୍ଦ ଜେନା, ପ୍ରଦ୍ୟୁମ୍ନ ବଳ ତିଗିରିଆର କୃଷ୍ଣଚନ୍ଦ୍ର ରାଉତ, ମାହାଙ୍ଗାର ବିରଜା ପ୍ରସାଦରାୟ ପ୍ରମୁଖ ଥାନା ଅଞ୍ଚଳର ସ୍ମରଣୀୟ ବ୍ୟକ୍ତି । ସେମାନଙ୍କୁ ଭୁଲିଗଲେ ଭୁଲ ହେବ । ସେମାନେ ସାରସ୍ୱତ ଜଗତକୁ ବିଭିନ୍ନ କ୍ଷେତ୍ରରେ ସମୃଦ୍ଧ କରିଛନ୍ତି । ସେମାନେ ଆମ ଅଞ୍ଚଳର ଗର୍ବ । ସେମାନଙ୍କ ମନେ ରଖିଲେ ଯୁବ ସମାଜ ମନୋବଳ ଫେରିପାଇବ । ଏଭଳି ଆହୁରି ଅନେକ ବ୍ୟକ୍ତି ଥିଲେ ଅଛନ୍ତି ମଧ୍ୟ । ପଥଭ୍ରଷ୍ଟ ଜାହାଜର ଯାତ୍ରୀମାନଙ୍କ ପାଇଁ ସେମାନେ ବତୀଘର ସଦୃଶ ।

ଆମ ସାଂସ୍କୃତିକ ଇତିହାସ ପ୍ରାୟ ଦେଢ଼ ହଜାର ବର୍ଷରୁ ଅଧିକ । ଆମର ଗର୍ବ ଯେ ଆମେ ଏହି ସମୃଦ୍ଧ ସାରସ୍ୱତ ଭୂଖଣ୍ଡର ସନ୍ତାନ । ଏ ମାଟି ଉପରେ ପାଦ ଦେଲେ ରୋମାଞ୍ଚିତ ହୁଏ ଶରୀର, ପବନ ଦେହରେ ଲାଗିଲେ ଶିହରିତ ହୁଏ ଶରୀର,

ପୁଲକିତ ହୁଏ ମନ । ମନେ ହୁଏ, ସେହି ପବନ ଶହ ଶହ ବର୍ଷର ସଂସ୍କୃତିର ସୁଗନ୍ଧ ବୋହି ଆଣୁଛି । ତାହା ମନ ହୃଦୟକୁ ଛୁଇଁ ଭାବାନ୍ତର ସୃଷ୍ଟି କରୁଛି । ଆମ ଅଞ୍ଚଳର ଧର୍ମୀୟ ସାଂସ୍କୃତିକ ପରମ୍ପରା, କଳା ଭାସ୍କର୍ଯ୍ୟ ଓ ସାରସ୍ୱତ ଗାରିମା ଦିଗନ୍ତ ପ୍ରସାରୀ । ଏ ଭୂଖଣ୍ଡରେ ପାଦ ପକା ଥିଲେ ଇତିହାସର ଚୁମ୍ବକୀୟ ଶକ୍ତି ଟାଣି ଧରେ । ମନେହୁଏ, ରତ୍ନଗିରି, ଲଳିତଗିରି, ଉଦୟଗିରି, ଲାଙ୍ଗୁଡ଼ି ପାହାଡ଼ ହାତ ପ୍ରସାରି ଆଲିଙ୍ଗନ କରିବାକୁ ଚାହୁଁଛି । ମନେପଡ଼େ ବୌଦ୍ଧଧର୍ମ, ଜୈନଧର୍ମ, ଶାକ୍ତଧର୍ମ, ଶୈବଧର୍ମ ଓ ବୈଷ୍ଣବ ଧର୍ମର ଶାଶ୍ୱତବାଣୀ ମନରେ ଭାସିଯାଏ । ବିଦଗ୍ଧ ଚିନ୍ତାମଣିର ଶାଶ୍ୱତ ସଙ୍ଗୀତ, ନନ୍ଦ କିଶୋରଙ୍କ ପଲ୍ଲୀକବିତା, ବୈଷ୍ଣବ ପାଣିଙ୍କ ରସସିକ୍ତ ମନଛୁଆଁ ଗୀତ, ରାମକୃଷ୍ଣ ସାମନ୍ତସିଂହାରଙ୍କ ଦେଶ ପ୍ରେମ, ବିଦ୍ୟାଧର ବର୍ମାଙ୍କ ପଲ୍ଲୀବଧୂ, ପ୍ରାଣକୃଷ୍ଣ ସାମଲଙ୍କ ନୀଳକମଳ, ଆରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତାର ଦାର୍ଶନିକ ଚେତନା ।

ନାନା ଅଘଟଣ ସତ୍ତ୍ୱେ ପରମ୍ପରାରୁ ବା ମୂଳ ଚେତନା ପ୍ରବାହରୁ ଆମର ଟିକିଏ ବିଚ୍ୟୁତି ଘଟିଲେ ହେଁ ଆମେ ବିଚ୍ଛିନ୍ନ ହୋଇଯାଇନାହାନ୍ତି । ବିଚ୍ୟୁତି ଘଟିଲେ ହେଁ ଆମେ ବିଚ୍ଛିନ୍ନ ହୋଇଯାଇନାହାନ୍ତି । ପ୍ରତିଭାର ପରିସ୍ଫୁରଣ ଘଟିଛି ବିଭିନ୍ନ ସ୍ତରରେ ସାହିତ୍ୟ, ଶିଳ୍ପକଳା, ଚିକିତ୍ସା, କାରିଗରୀ, ସମାଜ ସେବା, ଶିକ୍ଷା, ଗବେଷଣା, ବାଗ୍ମିତା, ମନନଶୀଳତାରେ । ଏହା କ୍ରମଶଃ ପ୍ରସାରିତ ହେଉଛି ।

ଏହି ପ୍ରତିଭାଧରଙ୍କ ବିଚରଣ କ୍ଷେତ୍ର ବର୍ତ୍ତମାନ ହୁଏତ ଏ ଭୂଖଣ୍ଡ ନୁହେଁ । ଏ ଅଞ୍ଚଳ ନୁହେଁ ଅନ୍ୟ ଅଞ୍ଚଳ, ଏ ରାଜ୍ୟ ନୁହେଁ ଅନ୍ୟ ରାଜ୍ୟ ଏ ଦେଶ ନୁହେଁ ଅନ୍ୟ ଦେଶ । ଏହା ସ୍ୱାଭାବିକ । ଏହାକୁ ଦୋଷାବହ କରି ଅଟକାଇ ହେବ ନାହିଁ । ଚିନ୍ତା ଓ ଚେତନା ଯଦି ମାଟିରୁ ବିଚ୍ଛିନ୍ନ ହୋଇଯାଏ ଏବଂ ଏହା ଆକାଶରେ ବିଚରଣ କରେ ତେବେ ତାହା ଯେ ଦୋଷାବହ ହୁଏ । ନିଜ ମାଟିର, ନିଜ ସମାଜର ମଣିଷଙ୍କ ପ୍ରତି ଯଦି ଅଙ୍ଗୀକାରବଦ୍ଧତା ନରହେ, ତେବେ ତାହା ଦୋଷାବହ ହୁଏ । ଏହା ଯଦି ସମୂହ ସ୍ୱାର୍ଥକୁ ଉପେକ୍ଷା କରି ନିଜ ସ୍ୱାର୍ଥକୁ ଆଶ୍ରୟ କରେ, ତେବେ ତାହା ଦୋଷାବହ ହୁଏ । ସମାଜ ପାଇଁ ସମୂହର ସ୍ୱାର୍ଥ ଓ ସାଧାରଣ ମଣିଷଙ୍କ ପାଇଁ ଅଙ୍ଗୀକାରବଦ୍ଧତା ଆମ ମାଟିର, ଆମ ଅଞ୍ଚଳର ବୁନିଆଦି ଓ ପରମ୍ପରା । ଯୁବ ସମାଜ ସେହି ପରମ୍ପରାର ଦାୟାଦ ହୁଅନ୍ତୁ । ଏହାହିଁ କାମ୍ୟ ।

ଓ. ୧୨. କ୍ଲଷ୍ଟର. ନ. ପୂର୍ବାଚଳ, ସଲ୍ଟଲେକ
କୋଲକାତା-୭୦୦୦୯୭

# "ନିଷ୍ଠାପର କର୍ମ ହିଁ ବ୍ରାହ୍ମଣର ସର୍ବସ୍ୱ"

– ଶ୍ରୀ ନରସିଂହ ମହାପାତ୍ର

ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠଜୀବ । ମନୁଷ୍ୟ ଦେହରେ ଭଗବାନ ଭରି ଦେଇଛନ୍ତି ଅମୃତର ଧାରା ଓ ଦିବ୍ୟଜ୍ଞାନ । ତେଣୁ ଭାଗବତରେ କୁହାଯାଇଅଛି :–

''ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ'' ।

ମନୁଷ୍ୟଠାରେ ସତ୍ତ୍ୱ, ରଜୋ ଓ ତମ ଏହି ତିନୋଟି ଗୁଣ ଭରି ରହିଛି । ସେହିପରି ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଓ ପାଞ୍ଚଟି କର୍ମେନ୍ଦ୍ରିୟ ମଧ୍ୟ କ୍ରୀୟାଶୀଳ ହୋଇ ରହିଛି । ତେଣୁ ଏସବୁକୁ ଅନୁଶୀଳନ କଲେ ପ୍ରତୀୟମାନ ହୁଏ ଯେ, ମନୁଷ୍ୟ ହେଉଛି ଭଗବାନଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି ଏବଂ ସମସ୍ତେ ଭଗବାନଙ୍କର ଅଂଶ ବିଶେଷ । ଯଦି ସମସ୍ତେ ଭଗବାନଙ୍କର ଅଂଶ ବିଶେଷ, ତାହେଲେ ଚାରି ଜାତି ସୃଷ୍ଟି ହେବାର ବିଶେଷତ୍ୱ କ'ଣ ?

ଆଦିମ ଯୁଗରୁ ଅର୍ଥାତ୍ ପ୍ରାଚୀନ ଯୁଗରୁ ଭାରତରେ କର୍ମ ଓ ବୃତ୍ତିକୁ ନେଇ ଚାରି ଜାତି ସୃଷ୍ଟି ହେଲେ । ଏହି ଚାରିଜାତି ହେଲେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ଜଣାଯାଏ ସମାଜରେ ଶୃଙ୍ଖଳା ପାଇଁ ଏବଂ କର୍ତ୍ତବ୍ୟ ନିର୍ବାହ ପାଇଁ ଏହି ଚାରିଜାତି ସୃଷ୍ଟି କରାଗଲା । ଏକଥା ଶାସ୍ତ୍ର ସମ୍ମତ ଯେ, ଋକ୍‌ବେଦର ବିଖ୍ୟାତ ''ପୁରୁଷସୂକ୍ତ'' ଅନୁସାରେ, ସୃଷ୍ଟି ସର୍ଜନାର ପ୍ରାରମ୍ଭିକ କାଳରେ ''ବିରାଟପୁରୁଷ''ଙ୍କର ମୁଖରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଉରୁରୁ ବୈଶ୍ୟ ଏବଂ ପାଦରୁ ଶୂଦ୍ର ଜାତ ହୋଇଥିଲେ । ଏହା ସହିତ ଏକଥା ମଧ୍ୟ ସ୍ପଷ୍ଟ ଯେ, ଶ୍ରୀମଦ୍ ଭଗବତ ଗୀତାରେ ଭଗବାନଙ୍କର ନିଜ ମୁଖରୁ ନିସୃତ ହୋଇଛି "ଚାତୁର୍ବର୍ଣ୍ଣ୍ୟଂ ମୟାସୃଷ୍ଟଂ, ଗୁଣକର୍ମ ବିଭାଗଶଃ ଅର୍ଥାତ୍ "ଗୁଣ ଓ କର୍ମର ବିଭାଗ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର – ଏହି ଚାରି ପ୍ରକାର ବର୍ଣ୍ଣ ବା ଜାତିକୁ ମୁଁ ସୃଷ୍ଟି କରିଅଛି ।"

ଏ ମଧ୍ୟରୁ ବର୍ତ୍ତମାନ କେବଳ ବ୍ରାହ୍ମଣଙ୍କ କଥା ଚିନ୍ତା କରାଯାଉ । ଜଣେ ବ୍ରାହ୍ମଣ ଯେତେବେଳେ ନିଜକୁ ବ୍ରାହ୍ମଣ ବୋଲି କହି ପରିଚୟ ପ୍ରଦାନ କରନ୍ତି, ସ୍ୱଭାବତଃ ସେ ନିଜକୁ ଜାତି ହିସାବରେ ଅନ୍ୟମାନଙ୍କ ତୁଳନାରେ ଉଚ୍ଚ ବୋଲି ବିବେଚିତ କରିଥାନ୍ତି । ଏ ଭାବନା ଆଦିମ ଯୁଗରେ ନଥିଲା । ଯେତେବେଳେ ବର୍ଣ୍ଣ ବା ଜାତିର ସୃଷ୍ଟି ହେଲା, ବ୍ରାହ୍ମଣମାନେ ନିଜକୁ ଉଚ୍ଚ ବୋଲି ଭାବୁନଥିଲେ । କେବଳ କର୍ମକୁ ହିଁ ଆଦରିଥିଲେ । କିନ୍ତୁ ବ୍ରାହ୍ମଣମାନଙ୍କର କର୍ମ ସ୍ୱତନ୍ତ୍ର ଥିଲା ଏବଂ ସେହି କର୍ମ ବଳରେ ବ୍ରାହ୍ମଣମାନେ ଧିରେ ଧିରେ ସମ୍ମାନର ଅଧିକାରୀ ହେଲେ । କାଳକ୍ରମେ ବ୍ରାହ୍ମଣମାନେ ରାଜା ମହାରାଜାମାନଙ୍କର କୁଳଗୁରୁ ଓ ରାଜପୁତ୍ରମାନଙ୍କର ବିଦ୍ୟାଦାତା ଭାବରେ ରହି ସମ୍ମାନର ଅଧିକାରୀ ହେଲେ ଏବଂ ଅନ୍ୟ ସମସ୍ତଙ୍କର ପୁରୋହିତ ଏବଂ ଧର୍ମଗୁରୁ ଭାବରେ କାର୍ଯ୍ୟ କଲେ । ଫଳରେ ସମସ୍ତଙ୍କ ଦ୍ୱାରା ବହୁ ସମ୍ମାନିତ ଓ ପ୍ରଶଂସିତ ହେଲେ । ଶ୍ରୀମଦ୍ ଭାଗବତ, ହରିବଂଶ, ଓ ରାମାୟଣ ଆଦିରୁ ଜଣାଯାଏ, ସ୍ୱୟଂ ଭଗବାନ ଶ୍ରୀ ରାମଚନ୍ଦ୍ର ଓ ଶ୍ରୀକୃଷ୍ଣ ବ୍ରାହ୍ମଣମାନଙ୍କ ପ୍ରତି ଅସାଧାରଣ ଭାବ ଓ ଭକ୍ତି ପ୍ରଦର୍ଶନ କରିଥିଲେ ଏବଂ ବ୍ରାହ୍ମଣମାନେ ମଧ୍ୟ ଭଗବାନଙ୍କ ପ୍ରତି ନିଜର ଭାବ ଓ ଭକ୍ତି ପ୍ରକଟ କରୁଥିଲେ । ବ୍ରାହ୍ମଣମାନେ ଶାସ୍ତ୍ରଜ୍ଞାନରେ ଅପୂର୍ବ ପାରଦର୍ଶିତା ଅର୍ଜନ କରିଥିଲେ । ନିଜର ଜ୍ଞାନ, ବୁଦ୍ଧି, ବିବେକ ସହ ବେଦ, ବେଦାନ୍ତ, ପୁରାଣଶାସ୍ତ୍ର, ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଓ ଜ୍ୟୋତିଷଶାସ୍ତ୍ରରେ ନିପୁଣତା ଭରି ରହିଥିଲା । ଆଧ୍ୟାତ୍ମିକଜ୍ଞାନ ବିତରଣ, ଦେବ ଆରାଧନା, ଯଜ୍ଞକର୍ମ ଓ ଧର୍ମଶାସ୍ତ୍ରର ପ୍ରଚାର ପ୍ରସାର କରାଇ ସମାଜର ମଙ୍ଗଳ ସାଧନ କରିବା ବ୍ରାହ୍ମଣମାନଙ୍କର ଜୀବନର ପରମ ବ୍ରତ ଓ କର୍ତ୍ତବ୍ୟ ଥିଲା । କିନ୍ତୁ ସମାଜର ପରିବର୍ତ୍ତନ କ୍ରମେ ଏବଂ ବ୍ରାହ୍ମଣମାନଙ୍କର କର୍ମ ଶୈଳୀର ଅବକ୍ଷୟ ଫଳରେ, ଧିରେ ଧିରେ ଲୋକମାନେ ବ୍ରାହ୍ମଣମାନଙ୍କ ପ୍ରତି ଆକୃଷ୍ଟ ହେବା କମି କମି ଆସିଲା । ତଥାପି ବ୍ରାହ୍ମଣମାନେ ନିଜର ସ୍ୱକର୍ମ ପ୍ରତି ପୂର୍ଣ୍ଣ ମାତ୍ରାରେ ନହେଲେ ମଧ୍ୟ ବହୁ ମାତ୍ରାରେ ସଜାଗ ଓ କ୍ରୀୟାଶୀଳ ଅଛନ୍ତି । ଦୈନିକ ପ୍ରାତଃ କାଳରେ ସନ୍ଧ୍ୟା, ଗାୟତ୍ରୀ, ପ୍ରାଣାୟାମ, ମୁଦ୍ରା ଇତ୍ୟାଦି ସଂସ୍କାର କର୍ମ କରିବା ସହିତ ଦେବକାର୍ଯ୍ୟ କରି ସମାଜର ମଙ୍ଗଳ କାମନା କରୁଛନ୍ତି । କିନ୍ତୁ ସେତେବେଳର ବ୍ରାହ୍ମଣ ଓ ବର୍ତ୍ତମାନର ବ୍ରାହ୍ମଣ ମଧ୍ୟରେ ବହୁ ପାର୍ଥକ୍ୟ ଦେଖାଯାଉଥିବା କଥା ସ୍ୱୀକାର କରିବାକୁ ହେବ । ଏ ସମ୍ପର୍କରେ ଏ ସମ୍ପାଦକର ଏତିକି ପରାମର୍ଶ ଯେ, ପ୍ରଥମତଃ ବ୍ରାହ୍ମଣମାନେ ନିଜକୁ ସେହି ପ୍ରାଚୀନ ଯୁଗର ବ୍ରାହ୍ମଣ ବୋଲି ଭାବନ୍ତୁ, ଯେହେତୁ ସେ ଶ୍ରେଷ୍ଠକୁଳ ବ୍ରାହ୍ମଣକୁଳରେ ଜନ୍ମ ହୋଇଛନ୍ତି । ଏହା ଭାବିବା ସହିତ ବ୍ରାହ୍ମଣ୍ୟ କର୍ମ ଯଥାବିଧି ସମ୍ପାଦନ କରି ନିଜର ସଂସ୍କାର ଓ ପ୍ରତିଷ୍ଠା ରକ୍ଷା କରନ୍ତୁ । ପୂର୍ବଜନ୍ମର ତପସ୍ୟା ବା ସୁକର୍ମ ବଳରେ ବ୍ରାହ୍ମଣ କୁଳରେ ଜନ୍ମଲାଭ କରିଥିବାରୁ ତାହାର ମହାନତା ଓ ମର୍ଯ୍ୟାଦା ରକ୍ଷା କରନ୍ତୁ । କେବଳ ବ୍ରାହ୍ମଣ ବୋଲି ପରିଚୟ ପ୍ରଦାନ କଲେ ସମ୍ମାନର

ଅଧିକାରୀ ହେବା ସମ୍ଭବ ନୁହେଁ । ନିଷ୍ପାପର ଭାବେ କର୍ମ ସମ୍ପାଦନ କଲେ ସମ୍ମାନ ଆପେ ଆପେ ଆସିବ । ସୁତରାଂ ନିଷ୍ପାପର କର୍ମ ହିଁ ବ୍ରାହ୍ମଣର ସର୍ବସ୍ୱ ।

ପ୍ରଥମତଃ ଯଜ୍ଞୋପବୀତ ହେଉଛି ବ୍ରାହ୍ମଣର ଅସ୍ତ୍ର ଓ ପ୍ରଧାନ ଶକ୍ତି । ଏହାକୁ ସବୁବେଳେ ଶୁଦ୍ଧ ଓ ପବିତ୍ର ରଖିବା ଆବଶ୍ୟକ । ଋଷିଛନ୍ଦଠାରୁ ଆରମ୍ଭକରି କରନ୍ୟାସ, ଅଙ୍ଗନ୍ୟାସ ସହ ଜୀବନନ୍ୟାସ କରି ବିଧିବିଧାନ ଅନୁସାରେ ଯଜ୍ଞୋପବିତ ଧାରଣ କଲେ ତାହାର ପରାକାଷ୍ଠା ବ୍ରାହ୍ମଣ ନିଶ୍ଚିତ ଭାବରେ ଉପଲବ୍ଧି କରିବେ । ଜୀବନ୍ୟାସ ବେଳେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଦେବତାଙ୍କୁ ଆବାହନ ଏବଂ ମନ୍ତ୍ର ବଳରେ ନବଦେବତାଙ୍କୁ ଯଜ୍ଞୋପବିତ ମଧରେ ଅଧିଷ୍ଠିତ କରାଯାଇଥାଏ । ତେଣୁ ବ୍ରତୋପନୟନ ହେବାଠାରୁ ଯଜ୍ଞୋପବୀତକୁ ଶରୀରରୁ କେବେହେଲେ ବିଛିନ୍ନ କରିବା କିମ୍ବା ମାରା ହୋଇଗଲେ ପରିବର୍ତ୍ତନ ନକରିବା ବିଧି ଅସଙ୍ଗତ । ତେଣୁ ଯଜ୍ଞୋପବିତ ପ୍ରତି ସଦା ସର୍ବଦା ଯତ୍ନବାନ ହେବା ପ୍ରତ୍ୟେକ ବ୍ରାହ୍ମଣଙ୍କର ପ୍ରଥମ କର୍ତ୍ତବ୍ୟ । ଦୈନିକ ଗାୟତ୍ରୀ ମନ୍ତ୍ର ଜପ କରିବାଦ୍ୱାରା ବ୍ରାହ୍ମଣଙ୍କର ଜ୍ୟୋତି ପ୍ରକାଶ ପାଇଥାଏ । ମନରେ ଶୁଦ୍ଧତା ଆସେ ଏବଂ ଶରୀରକୁ ରୋଗ ସ୍ପର୍ଶ କରିପାରେ ନାହିଁ । ଗାୟତ୍ରୀ ମନ୍ତ୍ରର ଉପାଦେୟତା ଓ ମାହାତ୍ମ୍ୟ ସମ୍ପର୍କରେ ମୁନି, ଋଷି ଓ ସାଧୁସନ୍ଥମାନେ ଯାହା ବର୍ଣ୍ଣନା କରିଯାଇଛନ୍ତି ତାହା ଗ୍ରହଣୀୟ । ନିମ୍ନରେ ସେମାନଙ୍କର କେତୋଟି ଅନୁଭବର ବାର୍ତ୍ତା ଉଲ୍ଲେଖ କରାଗଲା ।

(କ) **ସ୍ୱାମୀ ବିବେକାନନ୍ଦ କହିଛନ୍ତି –** ଗାୟତ୍ରୀ ହେଉଛି ଏକ ସଦ୍‌ବୁଦ୍ଧି ପ୍ରଦାୟକ ମନ୍ତ୍ର ଏବଂ ମନ୍ତ୍ର ମାନଙ୍କର ମୁକୁଟ ମଣି ।

(ଖ) **ଶ୍ରୀ ସତ୍ୟସାଇବାବା କହିଯାଇଛନ୍ତି –** ଗାୟତ୍ରୀ ମନ୍ତ୍ର ଏକ ଅଜେୟ କବଚ । ଏହା ଜ୍ଞାନର ମଶାଲ । ଏହା ସଦ୍‌ଗୁଣ ଓ ସଦାଚରର ବୀଜ ମନ୍ତ୍ର ।

(ଗ) **ମହର୍ଷି ଦେବେନ୍ଦ୍ରନାଥ ଠାକୁର କହିଛନ୍ତି –** ''ମୁଁ ଗାୟତ୍ରୀ ମନ୍ତ୍ର ଜପକରି ଭଗବାନଙ୍କ ସାକ୍ଷାତକାର ଲାଭ କଲି ଏବଂ ଉତ୍ତମ ଫଳ ପାଇଲି ।

(ଘ) **ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ କହିଛନ୍ତି –** ଯଦି କେହି କୁମାର୍ଗରୁ ସୁମାର୍ଗ ଆଡ଼କୁ ଏବଂ ଅସଦ୍‌ପଥରୁ ସତ୍ ପଥଆଡ଼କୁ ଯିବାକୁ ଚାହାଁନ୍ତି ତାହେଲେ ଗାୟତ୍ରୀ ମନ୍ତ୍ର ଉପାସନା କରନ୍ତୁ ।

ଏହିପରି ଅଜସ୍ର ବାର୍ତ୍ତା ଗାୟତ୍ରୀ ମନ୍ତ୍ରର ଉପାଦେୟତା ସମ୍ପର୍କରେ ଅଛି । ଏହି ମନ୍ତ୍ର ଯେ, କେବଳ ବ୍ରାହ୍ମଣମାନେ ଜପ କରିବେ ତାହା ନୁହେଁ, ପ୍ରତ୍ୟେକ ବ୍ୟକ୍ତି ଜପକରି ଏହାର ସୁଫଳ ମଧ ପାଇପାରିବେ । ଗାୟତ୍ରୀ ମନ୍ତ୍ର ଜପ କରିବା ସହ ଦୈନିକ ସନ୍ଧ୍ୟା ଉପାସନା କରିବା ଦ୍ୱାରା ଶରୀର ସଂସ୍କାରିତ ହୋଇଥାଏ, ମନଶାନ୍ତ ରହେ ଏବଂ ଆଧ୍ୟାତ୍ମିକ ଭାବ ବଢ଼େ । ଏହା ସହିତ ବିଷ୍ଣୁ ସହସ୍ର ନାମ ପଠନ କରିବା ଦ୍ୱାରା ଆୟୁ ବଢ଼େ ଏବଂ ଜୀବନ ନୀରାମୟ ହୁଏ । ଏସବୁ ପ୍ରତ୍ୟେକ ବ୍ରାହ୍ମଣଙ୍କର ଅଭ୍ୟାସଗତ ଭାବରେ କରଣୀୟ । ଏହା ନକରିବା ଫଳରେ ବ୍ରାହ୍ମଣ ନିଜର ବ୍ରାହ୍ମଣ୍ୟ ଶକ୍ତି ହରାଉଛନ୍ତି ଏବଂ ସମାଜରେ ନିଜର ପ୍ରତିଷ୍ଠା ମଧ ହରାଉଛନ୍ତି ।

କଟକ ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ପ୍ରକାଶିତ **''ବ୍ରହ୍ମଦିଗନ୍ତ''** ବହୁବିଦ୍ୱାନ, ପଣ୍ଡିତ, ଶାସ୍ତ୍ରବିତ୍, କର୍ମକାଣ୍ଡବିତ୍, ଆଧାତ୍ମବାଦୀ ଏବଂ ମାନବବାଦୀ ଲେଖକମାନଙ୍କର ମୂଲ୍ୟବାନ ଲେଖାରେ ମଣ୍ଡିତ ହୋଇ ବ୍ରାହ୍ମଣମାନଙ୍କୁ ଦିଗ୍‌ଦର୍ଶନ ଦେବାର ଆଶା ପୋଷଣ କରି ଧାରାବହିକ ଭାବେ ପ୍ରକାଶ ପାଉଅଛି । ଯେଉଁ ମହାନ ବ୍ୟକ୍ତିମାନେ ''ବ୍ରାହ୍ମଦିଗନ୍ତ''କୁ ଋଦ୍ଧିମନ୍ତ କରିବାପାଇଁ ତାଙ୍କର ବହୁ ମୂଲ୍ୟ ସମୟ ଦେଇ ଲେଖାମାନ ସଂକଳନ କରି ପ୍ରଦାନ କରିଅଛନ୍ତି, କଟକ ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ସମସ୍ତଙ୍କୁ ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ କରୁଅଛି । ଏତଦ୍ ସହିତ ଯେଉଁ ବିଜ୍ଞାପନ ଦାତାମାନେ ସହୃଦୟତାର ସହିତ ଆର୍ଥିକ ସହଯୋଗ ପଦାନ କରିଅଛନ୍ତି ତାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛି । ପ୍ରଭୁଶ୍ରୀ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ କାମନା । **ଜୟ ଜଗନ୍ନାଥ ।**

*ଖାନ୍‌ନଗର, ରିଙ୍ଗରୋଡ଼, କଟକ*

# ସୀମାନ୍ତରେ ଜୀବନ

– ବଲ୍ଲଭ ରାଉତ

ଆମ ଦେଶର ପାହାଡ଼, ପର୍ବତ, ନଦୀନାଳ ପାହାଡ଼ୀ ଝରଣା, ବଣଜଙ୍ଗଲର ଅନ୍ଧାରୀ ମୁଲକରେ ଏମିତି କିଛି ଅଞ୍ଚଳ ରହିଛି, ଯେଉଁଠି ମଣିଷମାନେ ଏବେ ବି ସହରୀ ସଭ୍ୟତାର ଆଲୋକ ଦେଖିବାରୁ ବଞ୍ଚିତ ।

ଅତୀତର ମଣିଷମାନେ ଯେପରି ଜଙ୍ଗଲ ଭିତରେ ଜୀବନ ଜୀଇଁ ଏ ବଣ ଜଙ୍ଗଲର ଫଳମୂଳକୁ ଖାଦ୍ୟ, ନଦୀନାଳ ଝରଣାର ଜଳକୁ ପାନୀୟ ଓ ପାହାଡ଼ର ଗୁମ୍ଫାକୁ ଆଶ୍ରୟସ୍ଥଳୀ ରୂପେ ବ୍ୟବହାର କରୁଥିଲେ । ଖୁବ୍ ଖୁସିରେ ଥିଲେ ସେମାନେ । ନିଜର ଦୁଃଖ ସୁଖକୁ ବାଣ୍ଟୁଥିଲେ ନିଜ ନିଜ ମଧ୍ୟରେ । ଛନ୍ଦ, କପଟ, ହିଂସା, ଘୃଣା, ସତମିଛ ସେମାନଙ୍କୁ ଛୁଇଁପାରିନଥିଲା ।

ସେମାନଙ୍କ ଜୀବନରେ ଅର୍ଥର ଆବଶ୍ୟକତା ଖୁବ୍ କମ୍ । ସ୍ୱାସ୍ଥ୍ୟ, ଶିକ୍ଷା, ପୋଷାକ ଓ ଖାଦ୍ୟ ଉପରେ ସେମାନଙ୍କର ଗୁରୁତ୍ୱ ନଥାଏ । ଅନ୍ଧବିଶ୍ୱାସର ଅନ୍ଧାରୀ ଗଳିରେ ସ୍ୱାସ୍ଥ୍ୟପାଇଁ ଶିରା, ଗୁଣିଆ, ଖାଦ୍ୟ ପାଇଁ ଜଙ୍ଗଲର କନ୍ଦା, ଡ଼ଙ୍ଗର ମାଣ୍ଡିଆ, ଧାନ, ଲଜ୍ୟା ନିବାରଣ ପାଇଁ ସାଧାସିଧା ବସ୍ତ୍ର, ଶୀତ, ବର୍ଷା ଓ ଖରା ଦାଉରୁ ରକ୍ଷା ପାଇବାକୁ ଝୁମ୍ପୁଡ଼ି ଘରେ ଚଳିଯାନ୍ତି । ଶିକ୍ଷା ସମ୍ପୂର୍ଣ୍ଣ ଅଚଳ । ଜୀବନ କ'ଣ ସେମାନେ ଉପଭୋଗ କରିପାରନ୍ତିନି । ଖାଇବା, ଖଟିବା, ବଞ୍ଚିବା ଯଥେଷ୍ଟ ବୋଲି ସେମାନେ ଅନୁଭବ କରିଥାନ୍ତି ।

ସେମାନଙ୍କ ବିକାଶରେ ସରକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚି ପାରେନି । ସେମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଗମନାଗମନ ସୁବିଧା ନାହିଁ । ତଥାପି ସେମାନେ ଖୁସି ।

ଆଜିର ହିଂସ୍ର ମଣିଷ ସେମାନଙ୍କ ପରିବେଶରୁ ନଷ୍ଟ କରିଦେଲାଣି ଜଙ୍ଗଲ କଟା, ପଶୁ, ପକ୍ଷୀ ଶିକାର, ପାହାଡ଼, ପର୍ବତ ଅବକ୍ଷୟ ଯୋଗୁ ସେମାନେ ଆକ୍ରାମାକ୍ରା ହୋଇଗଲେଣି । ଜଙ୍ଗଲର ସେ ସବୁ ଆଉ ନାହିଁ । ହରିଡ଼ା, ବାହାଡ଼ା, ଅଁଳା, ଅର୍ଜୁନ, ଗମ୍ଭାରୀ, ଶାଳ, ପିଆଶାଳ, କେନ୍ଦୁ, ଶିରିଶ, ମହୁଲ, ଦେଖିବାକୁ ମିଳୁନାହିଁ । ପଶୁପକ୍ଷୀମାନଙ୍କ ମଧ୍ୟରେ ବାଘ, ଭାଲୁ, ହାତୀ, ଗଧିଆ, ହରିଣ, ନେଉଳ, ବଣ କୁକୁଡ଼ା ପ୍ରାୟ ବିଲୁପ୍ତ । ଯାହା ଅଛନ୍ତି ସେମାନେ ପରିବେଶଠାରୁ ବହୁ ଦୂରରେ ।

ପ୍ରକୃତିର ପରିବେଶ ଧୀରେ ଧୀରେ ବଦଳି ଯାଉଛି । ସେଥିପାଇଁ ଠିକ୍ ସମୟରେ ବର୍ଷା, ଶୀତ ଓ ଖରା ଅନୁଭବ ହେଉନାହିଁ । ତଥାପି ଜଙ୍ଗଲୀ ମଣିଷ ଛୁଇଁବି ଛୁଇଁବି ହୋଇ ଛୁଇଁ ପାରୁନି ସହରୀ ସଭ୍ୟତାକୁ ।

ଏତିକି ଏକ ବିଷାଦ ମନ ନେଇ ଆମେ ସେମାନଙ୍କ ବିଷୟରେ ଜାଣିବାକୁ ବାହାରି ପଡ଼ିଥିଲୁ । ପାହାଡ଼ ପର୍ବତ ଘେରା ସୀମାନ୍ତ ଅଞ୍ଚଳକୁ କିଛି ଆଗ୍ରହ ନେଇ । ଆଗ୍ରହ ଥିଲା ସେମାନଙ୍କ ସହ ଗୋଟିଏ ଦିନ ଗୋଟିଏ ରାତି ବିତାଇବାକୁ । ସେମାନଙ୍କ ଖାଦ୍ୟ ଖାଇବୁ, ନାଚିବୁ ସେମାନଙ୍କ ଜୀବନ ସହ ନିଜ ଜୀବନକୁ ସାମିଲ କରିବୁ ।

ସେଦିନ ପ୍ରାୟ ୯ଟା ପାଖାପାଖି ହେବ । ଆମେ ପାହାଡ଼ ପର୍ବତର ଅଙ୍କା ବଙ୍କା ଆବଡ଼ା ଖାବଡ଼ା ଖାଲଢ଼ିପ ପଥରେ ଅତିକ୍ରମ କରୁଥିଲୁ ଏକ ଆବେଗଭରା ମନନେଇ ।

ହଠାତ୍ କିଛି ଦୂରରେ ଭାସିଆସିଲା ଲୋକମାନଙ୍କର କୋଳାହାଳ ସାଙ୍ଗକୁ କରୁଣ ଚିତ୍କାର । ଘଟଣା ଜାଣିବା ପାଇଁ ପହଞ୍ଚିଥିଲୁ ସେମାନଙ୍କର ପାଖରେ । ସେମାନେ ଠେଙ୍ଗା, ଟାଙ୍ଗିଆ, ବର୍ଚ୍ଛା ଧରି ପାହାଡ଼ ଆଡ଼କୁ ଧାଉଁଥିଲେ । ହେଟାବାଘଟି ଗୋଟିଏ ୩-୪ ବର୍ଷର ଶିଶୁକୁ ଧରି ଦୌଡ଼ି ଦୌଡ଼ି ଗୋଟିଏ ଟାଙ୍ଗରା ପାହାଡ଼ ଉପରେ ବସିପଡ଼ିଲା । ଶିଶୁଟି ଚିତ୍କାର କରୁଥାଏ । ଲୋକମାନେ କୌଣସି ପ୍ରକାର ଘାଟି ଚଢ଼ି ଟାଙ୍ଗରା ପାହାଡ ପାଖରେ ପହଞ୍ଚି ଶିଶୁକୁ ଉଦ୍ଧାର କରିବା ସମ୍ଭବ ନଥିଲା । ଲୋକମାନଙ୍କର କୋଳାହଳ ଭିତରେ ହେଟାବାଘଟି ଶିଶୁକୁ ଧରି କେଉଁଆଡ଼େ ଅଦୃଶ୍ୟ ହୋଇଗଲା ।

ଏହି ଦୃଶ୍ୟ ଆମକୁ ଆଘାତ ଦେଲା । ହେଲେ ସାହାଯ୍ୟ କରିବାର କୌଣସି ଉପାୟ ନଥିଲା । ସେଠାକାର ଲୋକମାନଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ୩-୪ ଜଣ ବୃଦ୍ଧଙ୍କୁ ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ପଚାରିଲୁ । ସେମାନେ ଯାହା କହିଲେ ଆମ ଭାବନା ସହ ମିଶିଗଲା ।

ସେମାନେ ଦୁଃଖରେ କହୁଥିଲେ - ଆଜି ନୁହେଁ, ଆମ ବାପଅଜା ପୁରୁଷ ପୁରୁଷ ଧରି, ବଣ ପାହାଡ଼ଭରା ଅଞ୍ଚଳମାନଙ୍କରେ ବସବାସ କରି ରହିଆସୁଛୁ । ସେମାନେ ଆମକୁ କେବେ

କହିନାହାନ୍ତି କି କେବେ ଶୁଣିନଥିଲୁ କି ଦେଖିନଥିଲୁ ଘର ଆଉ ଅଗଣାରେ ପଶି, ବାଘ କେବେ କାହାକୁ ଝାମ୍ପି ନେଇଛି । ଆମେ ବର୍ଷ ବର୍ଷ ଧରି ଖୋଲା ମେଲା ଭାବରେ ବଞ୍ଚିଥାଉ । ଘର ଭିତରେ ଶୋଇବା ଅପେକ୍ଷା ଘର ବାହାରେ ଅର୍ଥାତ୍ କାନ୍ଥ ନଥିବା ଖୋଲା ଘରେ ଶୋଇବାକୁ ପସନ୍ଦ କରିଥାଉ । ଶୋଇବା ପାଖରେ ଉହ୍ଳେଇରେ ନିଆଁ କିମ୍ବା କାଠଗଣ୍ଡିରେ ନିଆଁ ଲଗାଇ ଶୋଇଗଲେ ଆମର ଡ଼ର ନଥାଏ । ଆମେ ଜାଣୁ ଯେ ହିଂସ୍ର ପଶୁମାନେ ନିଆଁକୁ ଡ଼ରିଥାନ୍ତି । ତା'ଛଡ଼ା ସେମାନେ ଜଙ୍ଗଲ ଭିତରେ ଯଥେଷ୍ଟ ପରିମାଣରେ ଖାଦ୍ୟରୂପେ ଶିକାର ପାଇ ମଣିଷମାନଙ୍କ ବସ୍ତି ଭିତରକୁ ଆସିନଥାନ୍ତି ।

ଏବେ କିନ୍ତୁ ସବୁକିଛି ବଦଳିଯାଇଛି । ସେମାନେ ଏବେ ନିଆଁକୁ ଖାତିର ନକରି ବସ୍ତି ଭିତରକୁ ଖାଦ୍ୟପାଇଁ ପଶି ଆସୁଛନ୍ତି । ତାର କାରଣ ହେଲା, ଧୀରେ ଧୀରେ ଜଙ୍ଗଲ ପଦା ହୋଇଗଲାଣି । ସେମାନେ ସେମାନଙ୍କ ଖାଦ୍ୟ ଅଭାବ ମେଣ୍ଟାଇବା ପାଇଁ ଯଥେଷ୍ଟ ପରିମାଣରେ ଖାଦ୍ୟ ଜଙ୍ଗଲରୁ ପାଇପାରୁନାହାନ୍ତି । ସେମାନଙ୍କ ଭିତରୁ ଅନେକ ପଶୁ ପକ୍ଷୀ ମଣିଷ ଶିକାରୀମାନଙ୍କ ଦ୍ୱାରା ଶିକାର ହୋଇଗଲେଣି । ଆଉ ଯେତିକି ପଶୁପକ୍ଷୀ ଅଛନ୍ତି, ସେମାନେ ଖାଦ୍ୟପାଇଁ ବସ୍ତି ଆଡ଼କୁ ମାଡ଼ି ଆସୁଛନ୍ତି । ଏପରିକି ଛେଳି, ମେଣ୍ଢା, ଗାଈଗୋରୁ, ଘୁଷୁରି ଓ କୁକୁଡ଼ା ଇତ୍ୟାଦିକୁ ଧରି ଚାଲିଯାଉଛନ୍ତି । ପ୍ରତିରୋଧ କରିବା ବିପଦର ଆଶଙ୍କା କରି ସେମାନଙ୍କ ପଛରେ ଧାଇଁବା ସମ୍ଭବ ହୋଇନଥାଏ ।

ଏବେ ଜଙ୍ଗଲ ମୁଲକରେ କେମିତି ବଞ୍ଚିବୁ ବୁଦ୍ଧିବାଟ ଦେଖାଯାଉନାହିଁ । ଆମେ ସେମାନଙ୍କ କଥା ଶୁଣିସାରିବା ପରେ ପଚାରିଲୁ ସରକାରଙ୍କ ତରଫରୁ ତମମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ରାସ୍ତାଘାଟ, ପାଣି, ବାସଗୃହ, ଖାଦ୍ୟ ଇତ୍ୟାଦି । ଆମଠାରୁ କଥା ଛଡ଼ାଇନେଇ ବୃଦ୍ଧମାନେ କହିଲେ – ସେ ସବୁ ସୁବିଧା ଆମ ପାଖରେ ପହଞ୍ଚିପାରୁନି । ରାସ୍ତାଘାଟର ଅବସ୍ଥା ତ ଦେଖୁଛ, ଝରଣାରୁ ଜଳ ଆଣି ପିଉଛୁ, ସରକାର ଆମ ପାଇଁ ସବୁ ପ୍ରକାର ସୁବିଧା କରିଥିଲେ ମଧ୍ୟ, ଆମେ ତାର ଫାଇଦା ନେଇପାରୁନୁ, ସେ ସବୁ ଆମପାଇଁ ହୋଇଯାଇଛି ଅପହଞ୍ଚ । ଆମ ପୂର୍ବପୁରୁଷମାନେ ଆଗରୁ ଯେମିତି ଥିଲେ ଆମେ ଏବେ ସେମିତି ଅଛୁ । କହି କାନ୍ଦିଉଠି ଆଖିରୁ ଲୁହ ପୋଛୁଥିଲେ ବୃଦ୍ଧମାନେ ।

ତେଣୁ କଥାରେ ଅଛି, ପାଣିକୁ ଗଲେ କୁମ୍ଭୀର ଧରୁଛି, ଉପରେ ରହିଲେ ବାଘ ଖାଉଛି । ପ୍ରକୃତରେ ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏବେ ବି ବଣ ଜଙ୍ଗଲର ମଣିଷମାନେ ସୁରକ୍ଷିତ ନାହାନ୍ତି । ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ମଣିଷମାନେ ସବୁଥିରୁ ବଞ୍ଚିତ । ସହଜେ ଆମେ ହେଲୁ ଆଦିବାସୀ ମଣିଷ । ଖଣ୍ଡେ ଗାମୁଛା ଅଣ୍ଟାରେ ଗୁଡ଼େଇ, ମୁଣ୍ଡରେ ଠେକାଟିଏ ବାନ୍ଧି ଦେଲେ ଆଉକିଛି ଆବଶ୍ୟକ ନଥାଏ । ଦିନତମାମ ହାଡ଼ଭଙ୍ଗା ଖଟଣି ଖଟି, ଅକ୍ଳାନ୍ତ ପରିଶ୍ରମ କରିଥାଉ । ମାସ ମାସ ଧରି ଆମେ ଯାହା ଫସଲ ଫଳାଉ ତାର ମୂଲ୍ୟ ଆମକୁ ମିଳେନାହିଁ । ପାହାଡ଼ ପର୍ବତ ଘାଟି ଡେ଼ଇଁ ବଜାରରେ ପହଞ୍ଚି ବିକ୍ରିକରି ଦୁଇପଇସା ରୋଜଗାର କରିବା ସମ୍ଭବ ହୁଏନାହିଁ । ଆମର ଏହି ସରଳତାର ସୁଯୋଗ ନେଇ, ମୁନାଫାଖୋର ବେପାରୀମାନେ ଆମଠାରୁ ଫସଲ, ଶାଗରେ ମାଛରେ କିଣିନିଅନ୍ତି । ଯେଉଁ ଅଭାବକୁ ସେହି ଅଭାବ ଆମ ପିଛା ଛାଡୁନି । ରାତି ପାହିଲେ ଆମେ ମଣିଷ ବାଘ ହାବୁଡ଼ରେ ପଡୁଥିବାବେଳେ, ରାତି ହେଲେ ପ୍ରକୃତ ବାଘର ଶିକାର ହେଉଛୁ । ଆମେ ସେମାନଙ୍କଠାରୁ କରୁଣ କାହାଣୀ ଶୁଣି ସାରିବା ପରେ, ମନରେ ପ୍ରଶ୍ନ ଉଠେ, ସ୍ୱାଧୀନତାର ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ, ସେମାନେ ଆଜି ସବୁଥିରୁ ବଞ୍ଚିତ । କେବେ ସେମାନଙ୍କର ଅଭାବ ପୂର୍ଣ୍ଣ ହେବ । କେବେ ସେହି ଶୁଖିଲା ମୁହଁରେ ହସ ଝରିବ । ସେମାନେ ନିଜକୁ ସମାଜର ମହାସ୍ରୋତରେ ସାମିଲ କରିପାରିବେ ।

*ଖାତିଗୁଡ଼ା (ଇନ୍ଦ୍ରାବତୀ), ଜିଲ୍ଲା – ନବରଙ୍ଗପୁର-୫*

# କୁହୁଡି

- ମୀନା ସ୍ୱାଇଁ

ହ୍ୱିସିଲ୍ ମାରିଲା ଟ୍ରେନ୍ । ଛୁକ୍ ଛୁକ୍ ...... ଛୁକ୍ ଧୁଡ୍ ଧୁଡ୍ ଧୁଡ୍ ଟ୍ରେନ୍ ଷ୍ଟେସନ୍ ଛାଡ଼ିଲା । ପ୍ଲାଟଫର୍ମରେ ଛିଡ଼ା ହୋଇ ଉହୁଙ୍କି ପଡ଼ି ବଗିର ଝରକା ମଧ ଦେଇ ଆଉ ଟିକିଏ ଦେଖିବାକୁ ଚେଷ୍ଟାକଲା ଜ୍ୟୋତିପ୍ରକାଶ । ବଗିଟି ଆଗକୁ ଯାଇସାରିଥିଲା । ସେମିତି ଠିଆ ହୋଇଥିଲା ସେ ସ୍ଥାଣୁ ଭଳି । ଫେରିବାକୁ ଇଛା ହେଉନଥିଲା । ବରଂ ଇଛା ହେଉଥିଲା, ପାତି ମାଙ୍କଡ଼ ଭଳି ଏକା ଖେପାକେ ଟ୍ରେନ୍ ଭିତରକୁ ଚଢ଼ିଯାଆନ୍ତା କି । ଅଥବା ପହେଲ୍‌ବାନ୍ ଭଳି ପଛପଟୁ ଟ୍ରେନ୍‌କୁ ଟାଣି ରୋକି ଦିଅନ୍ତା କି ! କିନ୍ତୁ ତାକୁ ତାର କ୍ଷମତାର ଅନ୍ଦାଜା ଥିଲା । ତେଣୁ ଚୁପ୍‌ଚାପ୍ ପ୍ଲାଟଫର୍ମ ଛାଡ଼ି ବାହାରକୁ ଆସିବାକୁ ଉଦ୍ୟତ ହେଲା । ହେଲେ ଆଜି ପାଦଦୁଇଟା ଏତେ ଭାରୀ କାହିଁକି କେଜାଣି । ଉଠୁ ନଥିଲା ଜମା । ରହି ରହି ତା ଆଖିଆଗରେ ବଗି ଭିତରର ସେଇ ଦୃଶ୍ୟଟା ହିଁ ଦେଖାଯାଉଥିଲା ।

"ଓଃ !" ଛାତି ଭିତରର ଜମାଟ ବନ୍ଧା ଭାବଟା ଏକ ଅକ୍ଷରିଆ ଶବ୍ଦଟିଏ ହୋଇ ପାଟିରୁ ନିର୍ଗତ ହେଲା । ସେ ନିଜେ ବି ଆଶ୍ଚର୍ଯ୍ୟ ହୋଇଗଲା ସେହି ଶବ୍ଦଟିକୁ ଅନୁବାଦ କରି । କେଉଁ ଭାବ ଅଛି ଏଥିରେ ? ଦୁଃଖ ? ଅବସୋସ ? ଆଶଙ୍କା ? ଈର୍ଷା ? ଅସୁରକ୍ଷିତ ମନୋଭାବ ? ପ୍ରେମ ? ଅତ୍ୟଧିକ ଆଧିପତ୍ୟ ? କଣ ? କଣ ?

ଷ୍ଟେସନ ବାହାରେ ଥଣ୍ଡା କାକରରେ ଅତି ଯତ୍ନରେ ଗୋଟିଏ କୋଣକୁ ଥୁଆ ହୋଇଥିବା ତାର ହିରୋହୋଣ୍ଡା ମୋଟର ସାଇକଲେ ଷ୍ଟାର୍ଟ କରିବା ପୂର୍ବରୁ ଚାରିଆଡ଼କୁ ଥରେ ଚାହିଁଲା । ଭିଡ଼ ପ୍ରାୟ ନାହିଁ କହିଲେ ଚଳେ । ଯେତେକ ବ୍ୟକ୍ତି ଷ୍ଟେସନକୁ ଜ୍ଞାତି ପରିଜନଙ୍କୁ ଛାଡ଼ିବାକୁ ଆସିଥିଲେ, ପ୍ରାୟ ଯାଇ ସାରିଲେଣି କେତେବେଳୁ । ତା ଭଳି ଏତେ ଦୁଃଖର ବୋଝ ଉଠେଇ କାହାକୁ ଯିବାକୁ ପଡ଼ିନି ନା । ଭାଗ୍ୟବାନ ସେମାନେ । ଟ୍ରେନ୍‌ରେ ନିଜର ପତ୍ନୀଙ୍କୁ ବିଦାୟ ଦେଲାବେଳେ କେତେକ ପୁରୁଷଙ୍କର ମୁଖମଣ୍ଡଳରେ ଯେଉଁ ଦୁଃଖର ମେଘଟିଏ ଢ଼ାଙ୍କିଥିଲା, କାହିଁ ଟ୍ରେନ୍ ଛାଡ଼ିବା ପରେ ସେହି ମେଘଟିର ଅସ୍ତିତ୍ୱବି ସେମାନଙ୍କର ମୁହଁରେ ଦେଖିପାରୁନଥିଲା ଜ୍ୟୋତିପ୍ରକାଶ । ବରଂ ମେଘକୁ ଆଡ଼େଇ ତାର ସ୍ଥାନ ନେଇଥିଲା ଚକ୍‌ଚକିଆ ସୂର୍ଯ୍ୟ । ଅନ୍ତତଃ ଜ୍ୟୋତିପ୍ରକାଶକୁ ତ ସେୟା ମନେ ହେଉଥିଲା । ତାକୁ ମନେ ହେଉଥିଲା, ସ୍ୱାଧୀନତା ମିଳିବାର ଅପୂର୍ବ ଅନୁଭବ ଟିକକ ତାଙ୍କ ମୁଖମଣ୍ଡଳରେ ଏହି ସୂର୍ଯ୍ୟକିରଣ ହୋଇ ଝଲସୁଥିଲା । ବେଶ୍ ଖୁସିରେ କୌଣସି ଏକ ନୂଆ ହିନ୍ଦୀ ଫିଲ୍ମର ସୂର ଧରି ମୁଣ୍ଡ ହଲାଇ ହଲାଇ, ଗାଡ଼ି ଚାବି ରିଂକୁ ଆଙ୍ଗୁଠିରେ ନଚାଇ ସେମାନେ ବାହାରି ଗଲେ । ଜ୍ୟୋତିପ୍ରକାଶକୁ ଇଛା ହେଉଥିଲା ତାଙ୍କ ପତ୍ନୀମାନଙ୍କୁ ଟାଣିଆଣି ଦେଖାଇଦିଅନ୍ତା, କହନ୍ତା, ''ଏଇ ଦେଖ, ଟିକକ ସମୟ ଆଗରୁ ବିରହରେ ମ୍ରିୟମାଣ ହୋଇପଡୁଥିବା ତୁମ ପତି ଦେବଙ୍କର ମୁଖର ଅସଲ ସ୍ୱରୂପ ।''

''ହେଲେ ଏଥିରେ ମୋର ଯାଏ ଆସେ କ'ଣ ?'' ନିଜକୁ ନିଜେ କହିଲା ଜ୍ୟୋତିପ୍ରକାଶ । ଚଳଚ୍ଚିତ୍ରରେ ଦେଖାହେଲା ଭଳି ପ୍ରେମ / ବିରହର ବାକ୍ୟ ବିନିମୟ ବାସ୍ତବ ଜୀବନରେ ହୁଏ ନା କଣ ? ମଣିଷ ଖାଲି ସ୍ୱପ୍ନର ଦୁନିଆରେ ଭାସୁଥାଏ ବାସ୍ତବିତାକୁ ସାମ୍ନା ନ କରିବା ଯାଏଁ ।

ବାହା ହେବା ପରେ ପ୍ରଥମଥର ପାଇଁ ଯେଉଁଦିନ ଶୁଭାଙ୍ଗୀ ବାପ ଘରକୁ ବାହାରିଲା, ଜ୍ୟୋତି ପ୍ରକାଶ ବି ଆଶା କରୁଥିଲା ଶୁଭାଙ୍ଗୀ ତା ପାଖକୁ ଲାଗିଆସି ତା ଛାତିରେ ମୁଣ୍ଡ ରଖି ବହେ କାନ୍ଦିବ । ଶୁଭାଙ୍ଗୀର ଆଖିଲୁହରେ ହୁଏ ତ ତାର ଧଳାସାର୍ଟର ଛାତି ଅଂଶଟି ଭିଜିଯିବ । ଶୁଭାଙ୍ଗୀର ଆଖିର କଜଳ ଓ ମଥାର ସିନ୍ଦୁର ନେସି ହୋଇଯିବ ସେହି ଲୁହ ସହ ମିଶି ଠିକ୍ ଚଳଚିତ୍ରର ଦୃଶ୍ୟ ଭଳି । ଆଉ ଶୁଭାଙ୍ଗୀ ଯିବା ପରେ ସେହି ଧଳା ସାର୍ଟକୁ ନ ଧୋଇ ସାଇତି ରଖିବ ଅନେକ ଦିନ ଯାଏଁ ଏବଂ ନେସି ହୋଇଥିବା କଜଳ, ସିନ୍ଦୁର ଦାଗକୁ ନେଇ ତାର ପୌରୁଷ ଗର୍ବରେ ଉଛୁଳି ପଡ଼ିବ ।

ହେଲେ ଜ୍ୟୋତିପ୍ରକାଶର ଆଶା ଅନୁରୂପ କିଛି ହୋଇ ନଥିଲା । ଶୁଭାଙ୍ଗୀ ପରିପକ୍ୱ ଗୃହିଣୀଟିଏ ଭଳି ଜ୍ୟୋତିପ୍ରକାଶ ପାଇଁ ସବୁ ଜିନିଷ ସଜଡ଼ାସଜଡ଼ି କରି, କୋଉଠି କୋଉ ଜିନିଷ ଅଛି ବୁଝେଇ ଦେଇ ଯାଇଥିଲା । ଔଷଧ, ପାଣି ବୋତଲ, ଫ୍ରିଜ୍‌ରେ ଖାଦ୍ୟ, ମୋଜା, ରୁମାଲ୍, ଚାବି । ଗଲାବେଳେ ଗାଡ଼ିରେ ବସି ହାତ ହଲେଇ 'ବାଏ' କହିଥିଲା । ସେଇଦିନ ନିଷ୍ଠୁର ବାସ୍ତବତା ସହ ସାମ୍ନାସାମ୍ନି ହୋଇଥିଲା ଜ୍ୟୋତିପ୍ରକାଶର । ସେଇ କଥାକୁ ମନେ ପକାଇ ଆଜି ବି ହସେ ସେ ।

ଗାଡ଼ି ଷ୍ଟାର୍ଟ କଲା ଜ୍ୟୋତିପ୍ରକାଶ । ବାହାରେ ଅସମ୍ଭବ ଥଣ୍ଡା । କ୍ୟାପ୍‌ରେ କାନକୁ ଘୋଡ଼ାଇଲା । ଗାଡ଼ି ଷ୍ଟାର୍ଟ କଲାବେଳକୁ ବି ବଗି ଭିତରର ଦୃଶ୍ୟ ତାକୁ ମନେ ପଡୁଥିଲା । ଯେତେଥର ମନେ ପଡୁଥିଲା, ତାର କାନମୁଣ୍ଡା ଗରମ ହୋଇଯାଉଥିଲା । ଗଛ ଫାଙ୍କରୁ ଉଦୟ ସୂର୍ଯ୍ୟକିରଣ ଚିକ୍‌ଚିକ୍ କରୁଥିଲା । ବାହାରେ ପ୍ରବଳ ଥଣ୍ଡା ଅଥଚ ତା ଶରୀର ଭିତରେ ପ୍ରବଳ ଗରମ ଅନୁଭବ କରୁଥିଲା । ତା ଦେହର ଉତ୍ତାପ ଜ୍ୟାକେଟ୍‌କୁ ଭେଦକରି ବାହାରି ନପାରି ବୋଧେ ଜଳକଣାରେ ପରିଣତ ହୋଇ ଝାଳେଇବାକୁ ଆରମ୍ଭ କରିଥିଲା । ନାକ ଅଗରେ ବି ଟୋପି ଟୋପି ଝାଳ ।

ମର୍ଣ୍ଣିଂଓ୍ୱାକ୍ କରୁଥିବା ଗୋଟିଏ ଦମ୍ପତି ଆଗରୁ ସାମ୍ନାରେ ସାଥି ହୋଇ ଆସୁଥିଲେ । ଉଭୟେ ପୃଥୁଳ । ଚାଲିଥାନ୍ତି ଉଦାସୀନ ଭାବେ । ପାହାନ୍ତା ପ୍ରହରର ମନଲୋଭା ନିଦକୁ ଛାଡ଼ିଆସିଥାନ୍ତି ଘର ଭିତରେ କମ୍ବଳତଳେ । ସେଥିଲାଗି ଏ ଉଦାସୀନ ଭାବ । ବ୍ଲଡ଼ପ୍ରେସର ଅଥବା ଡାଇବେଟିସ୍‌ରେ ନିଶ୍ଚୟ ଆକ୍ରାନ୍ତ ହୋଇଥିବେ । ଡ଼ାକ୍ତର ପରାମର୍ଶ ଦେଇଥିବେ, ଓଜନ କମାଅ । ତେଲ, ମସଲା, ଆଳୁ, ଚିନି, ମିଠା, ଭାତ କମ୍ କର । ପ୍ରତିଦିନ ଅତିକମ୍‌ରେ ତିନି କି.ମି. ଚାଲ । ବାସ, ଭୟ ଓ ଆତଙ୍କର ବାତାବରଣଟିଏ ଘେରି ଯାଇଥିବ ଶ୍ରୀମତୀଙ୍କୁ । ଜୀବନରେ କଲୋନୀ ସମ୍ମୁଖରେ ଥିବା ଦୋକାନକୁ ବି ପାଦରେ ଚାଲି ଯାଇନଥିବା ଗୃହିଣୀ ଅଚାନକ ଦାୟିତ୍ୱବାନ ଓ ସ୍ୱାସ୍ଥ୍ୟସଚେତନ ହୋଇ ସ୍ୱାମୀଙ୍କ ସହ ମର୍ଣ୍ଣିଂଓ୍ୱାକ୍‌ରେ ଯୋଗଦେବାକୁ ଜିଦ୍ ଧରିଥିବେ । ବିଚରା ସ୍ୱାମୀ ବାଧହୋଇ ଏତେ ଦିନ ଧରି ମର୍ଣ୍ଣିଂଓ୍ୱାକ୍ କରୁଥିବା ସାଥିମାନଙ୍କୁ ଛାଡ଼ି ସାତଜନ୍ମର ସାଥିଙ୍କ ସହ ଚାଲିବାକୁ ଆରମ୍ଭ କରିଥିବେ, ନିଜର ଓ୍ୱାକିଂ ସ୍ପିଡ଼୍‌କୁ ଯଥେଷ୍ଟ କମାଇ । ସବୁବେଳେ ତ ସ୍ତ୍ରୀ ପାଇଁ ସ୍ୱାମୀଙ୍କୁ ନିଜର ଗତି କମାଇବାକୁ ପଡ଼ିଛି ଅଥବା ବଦଳାଇବାକୁ ପଡ଼ିଛି । ସ୍ୱଗତୋକ୍ତି କଲା ଜ୍ୟୋତିପ୍ରକାଶ । ଏତେ ବର୍ଷର ଘରକରଣା ପରେ ବି ସ୍ତ୍ରୀ ମାନେ ଏକଥା ବୁଝିପାରନ୍ତିନି କେମିତି କେଜାଣି । ନହେଲେ ବିବାହର ଏତେ ବର୍ଷ ପରେ ଶୁଭାଙ୍ଗୀର ଏହି ରୂପଟା ତାକୁ ଆଜି ଏମିତି କଷ୍ଟ ଦେଇନଥାନ୍ତା । ପୁଣିଥରେ ଜ୍ୟୋତି ପ୍ରକାଶର ଆଖିଆଗରେ ନାଚିଗଲା ବଗି ଭିତରର ଦୃଶ୍ୟ । ଅସମ୍ଭବ ଗରମରେ ଜ୍ୟୋତିପ୍ରକାଶର ମୁଣ୍ଡଟା ଫାଟିଯିବ କି ସତେ ।

ମନର ବେଗ ସହ ଗାଡ଼ିର ବେଗ ବଢୁଛି । ଗିଅର୍ ବଦଳାଇଲା । ଆଗରେ ପୋଲିସ୍ । କିଛି କିଛି ଦୂରତାରେ ପୋଲିସ୍ ମୁତୟନ ରାସ୍ତାସାରା । ପୋଲିସ୍ ବିଭାଗର କର୍ମଚାରୀଙ୍କର ଦୌଡ଼ ଅଭ୍ୟାସ ଚାଲିଛି ବୋଧେ ଏହି ଫାଙ୍କା ରାସ୍ତା ଦେଖି ଧଳା ହାଫ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ ସାଙ୍ଗକୁ ଧଳା କିମ୍ବା ମାଟିଆ ବୁଟ୍ । ନମ୍ବର ମରାହୋଇଛି ଛାତିରେ । ୧୦୨, ୧୦୯, ୧୧୫ ... ଥପ୍‌ଥପ୍ ଝାଳ ମୁହଁ ଓ ଛାତିସାରା । ଚାରି ପାଞ୍ଚ କିଲୋମିଟର ଦୌଡ଼ି ଦୌଡ଼ି ଆସୁଥିବେ । କିନ୍ତୁ ମୁହଁରେ ବିରକ୍ତି ଭାବନାହିଁ । କିଛି କରିବାର ଲକ୍ଷ୍ୟ, ପାଇବାର ଇଚ୍ଛା ଅଥବା ବାଧବାଧକତାର ଦାୟିତ୍ୱ, ଏସବୁ ମନୁଷ୍ୟକୁ ଉଦାସୀନ କରିଦିଏ ଅନ୍ୟକ୍ଷେତ୍ରରୁ । ଅନ୍ୟକ୍ଷେତ୍ର ତା ପାଇଁ ଗୌଣ ହୋଇଯାଏ । ଗୋଟିଏ କ୍ଷେତ୍ର ହିଁ ମୁଖ୍ୟ ହୋଇଯାଇ ତାକୁ ଘୋଷାରୁଥାଏ, ଅଣନିଶ୍ୱାସୀ କରୁଥାଏ । ତଥାପି ବେକରେ ପଡ଼ିଥିବା ଜୁଆଳି ଦ୍ୱାରା ସେ ଚଷୁଥାଏ ବଳଦ ଭଳି । ପରାଜୟ ଅବା ସମ୍ମାନହାନୀର ପାଞ୍ଚଣ ଡ଼ରରେ । ଜୀବନଟା ବି ସତେ କି ଅଦ୍ଭୁତ । ତା ଭଳି ଭାବପ୍ରବଣ, ନିଜ ଧୂନ୍‌ରେ ବିନ୍ଦାସ ବଞ୍ଚୁଥିବା ଲୋକ ତ ବାହାଘର ପରେ ପରେ ବଳଦଟିଏ ପାଲଟି ଯାଏ । ଶୁଭାଙ୍ଗୀ, ପିଲାଛୁଆ, ଶ୍ୱଶୁରଘର, ଅଫିସ୍ ସମସ୍ତଙ୍କର ଫରମାଇସ୍ ପୂରଣ କରିବା ପାଇଁ ଦୌଡୁ ଦୌଡୁ ସେ ଭୁଲିଗଲା ତାର ଲକ୍ଷସ୍ଥଳ କେଉଁଠି ଥିଲା । ତାର ରାସ୍ତା ଛାଡ଼ି କେବେ ସେ ଭିନ୍ନ ରାସ୍ତାରେ ଚାଲିବାକୁ ଆରମ୍ଭ କରିଥିବା ସେ ନିଜେ ବି ଜାଣିପାରିଲାନି । ଦାୟିତ୍ୱ, କର୍ତ୍ତବ୍ୟ ଯେମିତି ଗୋଟେ ଗୋଟେ ଭଉଁରୀ ନଦୀର । ଫେରିବାର ବାଟ ନଥାଏ । ଭାବିବାକୁ ନା ସମୟ ଥାଏ ନା ଥାଏ ଭାବନାର ମୂଲ୍ୟ । ଭଉଁରୀରେ କେବଳ ଆତ୍ମ ସମର୍ପଣ । ଏ ଜୀଇଁବା ତ ଏକ ମୁମୁର୍ଷ ଜୀବନ, ଅଥଚ ସମସ୍ତେ ଜୀଉଁଥାନ୍ତି । ହସିବାର ଅଭିନୟ ବି କରୁଥାନ୍ତି । ନିଜର ଆଭିଜାତ୍ୟର ବିଜ୍ଞାପନ କରୁଥାନ୍ତି । ସବୁ ହାସିଲ୍ କରିଥିବାର ବାହାସ୍ଫୋଟ ବି ମାରୁଥାନ୍ତି । ସେମାନେ ତ ଆହୁରି ଅସହାୟ ଦିଶୁଥାନ୍ତି ଜ୍ୟୋତି ପ୍ରକାଶର ଆଖିରେ । ଆହାରେ – ଦୁଃଖି ବୋଲି ଦେଖାଇବାର ସ୍ୱାଧୀନତା ଓ ସାହସ ଟିକକ ବି ତାଙ୍କର ନାହିଁ । ସେ ନିଜେ ବି ତ ସେହି ଗୋଷ୍ଠୀର । କେବେ ଦେଖାଇ ପାରିଛି କି ଶୁଭାଙ୍ଗୀକୁ ଯେ ସେ ପରିବା ଦର କଷାକଷି, ତେଲଲୁଣ ସଉଦା କିଣା, ପୁଅଝିଅଙ୍କର ଖାତାରେ ମଲାଟ ପକା, ଶଳାଶାଳୀଙ୍କ ଅଭ୍ୟର୍ଥନା, ନିଜ ବନ୍ଧୁବାନ୍ଧବଙ୍କ ଭାରଥୋର, ବାହାବ୍ରତରେ ଉପସ୍ଥାନ ଇତ୍ୟାଦି ଇତ୍ୟାଦି କରି କେମିତି ଅଣନିଶ୍ୱାସୀ ହୋଇଗଲାଣି । କହିପାରିଛି କି କେବେ ଅଫିସ୍‌ରୁ ଭାରାକ୍ରାନ୍ତ ଓ କ୍ଲାନ୍ତ ହୋଇ ଫେରି ସାର୍ଟବଟନ୍ ଖୋଲିଲା ବେଳେ ଶୁଭାଙ୍ଗୀର ଲମ୍ବା ଚୌଡ଼ା ଘରୋଇ ସମସ୍ୟାର ତାଲିକା, ତା ଦେହରେ କେମିତି ଅଗ୍ନି ସଂଯୋଗ କରେ । କେବେ ଜଣେଇ ପାରିଛି କି ରୋଷେଇ ପୂର୍ବରୁ "ଆଜି କଣ ରୋଷେଇ କରିବି ?" ଶୁଭାଙ୍ଗୀର କଥା ଧାଡ଼ିକ ତାକୁ କେତେ ବିରକ୍ତିକର ମନେ ହୁଏ ? ସବୁବେଳେ ସେ ନିଜର ବିରକ୍ତି ଭାବକୁ ପିଇଯାଇ ବେଶ୍ ସ୍ୱାଭାବିକ ଭାବେ ଶୁଭାଙ୍ଗୀର ପ୍ରଶ୍ନର ଉତ୍ତର ଦିଏ

ଓ ସମସ୍ୟାର ସମାଧାନ କରେ । ଶୁଭାଙ୍ଗୀ ମନରେ କଷ୍ଟ ଦେଇନି, କିନ୍ତୁ ଆଜି କେତେ ଅକ୍ଳେଶରେ ଶୁଭାଙ୍ଗୀ ତା ମନରେ କଷ୍ଟ ଦେଇପାରିଲା । କାହିଁକି ସ୍ତ୍ରୀ ମାନେ ବୁଝନ୍ତିନି ଯେ ପୁରୁଷମାନେ ବି ମଣିଷ ଆଉ ସେମାନଙ୍କ ଭଳି ତାଙ୍କର ବି ମନଟିଏ, ହୃଦୟଟିଏ ଅଛି । ସେମାନେ ବି ନାରୀ ଭଳି ସବୁ ଆବେଗ ମଧ୍ୟ ଦେଇ ଗତି କରନ୍ତି, ହୁଏତ ପ୍ରକାଶ କରି ପାରନ୍ତିନି । ଶୁଭାଙ୍ଗୀ ଉପରେ ଖୁବ୍ ରାଗ ହେଉଥିଲା ଜ୍ୟୋତିପ୍ରକାଶର । ଶୁଭାଙ୍ଗୀ କେମିତି ଗୋଟେ ଅକୃତଜ୍ଞ ଅକୃତଜ୍ଞ ମନେ ହେଉଥିଲା ତାକୁ ।

ହଠାତ୍ ଦୁଇଟି ପିଲା ମୋଟର ସାଇକେଲ୍‌ରେ ଦ୍ରୁତଗତିରେ ହ୍ୱିସିଲ୍ ମାରି, ଜୋର୍‌ରେ ଚିତ୍କାର କରି କରି ପଛପଟୁ ଆସି ତାକୁ ଅତିକ୍ରମ କରି ଚାଲିଗଲେ । ଯଦି ଶୁଭାଙ୍ଗୀ ତା ସାଥିରେ ଥାନ୍ତା, ଜ୍ୟୋତିପ୍ରକାଶ ହୁଏତ କହିଥାନ୍ତା, "କି ଅଭଦ୍ରଗୁଡ଼ାକ । ବାପା, ମାଙ୍କ ଠାରୁ କିଛି ଶିକ୍ଷା ପାଇନାହାନ୍ତି ।" କିନ୍ତୁ ଆଜି ସେମାନଙ୍କର ଏମିତି ବିନ୍ଦାସ, ବେପରୁଆ ଭାବ ଦେଖି ତାର ଇର୍ଷା ହେଲା । ଇଚ୍ଛା ହେଲା, ସେ ବି ସେମିତି କରିପାରନ୍ତା କି ! ତାର ମନେ ନାହିଁ, କେତେ ବର୍ଷ ତଳେ ସେ ଏମିତି ଖୋଲା ରାସ୍ତାରେ କୌଣସି ଫିଲ୍ମି ଗୀତର ଧୂନରେ ହ୍ୱିସିଲ୍ ମାରିମାରି ଚାଲିଥିଲା । ତାର ମନେ ନାହିଁ, ଶେଷ ଥର କେବେ ସେ ନିଜ ଖୁସୀରେ ଏମିତି ଫୁଲ୍‌ସ୍ପିଡ୍‌ରେ ଗାଡ଼ି ଚଲେଇଲାବେଳେ ନିର୍ଜନ ରାସ୍ତାରେ ଚିତ୍କାର କରି ଶକ୍ତିକପୁର କିମ୍ବା ଅମରୀଶପୁରୀର ଡ଼ାଇଲଗ୍ ମାରିଥିଲା । ବୟସ୍କ ହୋଇଗଲେ ବଞ୍ଚିବାର ଶୈଳୀ ବଦଳିଯାଏ ନା ବଞ୍ଚିବାର ରୂପରେଖ ବଦଳିଯାଏ ବୋଲି ମନୁଷ୍ୟ ବୟସ୍କ ହୋଇଯାଏ ? କାଇଁ ଆଜି କାଲି ତାର ଇଚ୍ଛା ହେଉନି ଗୁଡ଼ି ଧରି ପଡ଼ିଆରେ ଦୌଡ଼ିବାକୁ ? ସାଇକେଲ୍ ଆଗରେ କାଗଜ ଚକ୍ରି ଲଗାଇ ସାଇକେଲ୍ ଚଲାଇବାକୁ ? ବରଂ ବାପାଙ୍କର ମୋଟା ଚଷମାକୁ ଆଖିରେ ଲଗାଇ ସେ ବାରମ୍ବାର ଦର୍ପଣରେ ଦେଖୁଛି ତାକୁ ଭବିଷ୍ୟତକୁ । ମନୁଷ୍ୟ ସବୁବେଳେ ନିଜଠାରୁ ଅଧିକ ବୟସ୍କ ଆଚରଣର ଖୋଳପାଟେ ଘୋଡ଼େଇ ହୋଇ ନିଜର ପରିପକ୍ୱତାର ପରିଚୟ ଦେବାର ପ୍ରୟାସ କରୁଥାଏ । ଅଥଚ ତା ଭିତରେ ଥିବା ଶିଶୁ ସୁଲଭ ଗୁଣଗୁଡ଼ିକ ଅଣଦେଖା ଓ ଅବହେଳାରେ ଶୁଖିଶୁଖି କେବେ ମୃତ୍ୟୁବରଣ କରେ, ସେ ନିଜେ ବି ଜାଣିପାରେନି । ଗୁନୁ ପ୍ରାଇମେରି ସ୍କୁଲରେ ପଢ଼ିଲାବେଳେ ସ୍କୁଲରେ ଗୁଡ଼ିଉଡ଼ା ପ୍ରତିଯୋଗିତାରେ ପିତା ହିସାବରେ ଥରେ ସେ ଯାଇଥିଲା । ପଡ଼ିଆରେ ପିଲାଙ୍କୁ ଦେଖି ତାର ବି ମନ ହୋଇଥିଲା ଗୁଡ଼ି ଧରି ଦୌଡ଼ିବାକୁ । ମନ କଥାଟି ଖୋଲି କହିଥିଲା ଶୁଭାଙ୍ଗୀକୁ । ତା କଥା ଶୁଣି କେମିତି ଗୋଟେ ଅବିଶ୍ୱସନୀୟ ଓ କଡ଼ା ଚାହାଣୀରେ ଶୁଭାଙ୍ଗୀ ଚାହିଁଲା ତାକୁ । ତାର ଅର୍ଥ ବୋଧହୁଏ ଥିଲା, 'ବି ମାଚ୍ୟୁର୍' 'ବିହେଭ୍ ୟୋର ସେଲ୍‌ଫ' ! ସେଇ ଦିନଠୁ ତ ସେ ମାଚ୍ୟୁର ହୋଇଚାଲିଛି ଆଉ ନିଜକୁ ସମ୍ଭାଳି ଚାଲିଛି । ହେଲେ ଆଜିର ଘଟଣା କଣ ଶୁଭାଙ୍ଗୀର ମାଚ୍ୟୁରିଟୀର ନିଦର୍ଶନ ? ଚଳଚିତ୍ରର ବ୍ୟାକ୍‌ଫ୍ଲାଶ୍ ଭଳି ବଗି ଭିତରର ସେହି ଦୃଶ୍ୟ ପୁଣି ତା ସାମ୍ନାରେ ପୁନରାବୃତ୍ତି ହେଲା । ଭାରି ଅସ୍ଥିର ଲାଗୁଛି ଜ୍ୟୋତି ପ୍ରକାଶକୁ । କିଏ ହୋଇପାରେ ସେହି ଯୁବକ ? ଜିନ୍ ପ୍ୟାଣ୍ଟ, ବ୍ଲାକ୍ ସାର୍ଟ, ଡ଼େଙ୍ଗା, ପତଳା । ମୁହଁଟିକୁ ତ ସେ ଦେଖି ପାରିଲାନି ବଗି ଭିତରର ଅନ୍ଧକାର ଯୋଗୁଁ । କେମିତି ଗୋଟେ ଉଦ୍ବେଳିତ ଭାବେ ଶୁଭାଙ୍ଗୀ ଓ ସେଇ ଡ଼େଙ୍ଗା ଯୁବକଟି ଉଭୟେ ଉଭୟଙ୍କୁ କୋଳେଇ ନେଲେ । ଭାରି ଅସହ୍ୟ ଲାଗିଲା ସେହି ମୁହୂର୍ତ୍ତଟି ଜ୍ୟୋତିପ୍ରକାଶକୁ । ଅଥଚ ସେ ଆଉ କିଛି ଭଲକରି ଦେଖିବା ପୂର୍ବରୁ ଟ୍ରେନ୍‌ଟି ଗତିଶୀଳ ହେବାକୁ ଆରମ୍ଭ କଲା । ଆଉ ଟିକିଏ ସମୟ ରହିନଥାନ୍ତା ? ଯୁବକଟି ଶୁଭାଙ୍ଗୀର ପୁରୁଣା ପ୍ରେମିକ ? କଲେଜ୍ ଦିନର ? ଯାହାକୁ ହୁଏତ ଜାତିଗତ ସମସ୍ୟାରୁ ସେ ବାହାହୋଇ ପାରିନଥିବ ? କିମ୍ବା ଧନୀ ଗରୀବର ବୈଷମ୍ୟ ହେତୁ ଘରେ ତାକୁ ଅନୁମତି ଦେଇନଥିବେ ? ନା ଚାକିରୀ କ୍ଷେତ୍ରରେ ସେହି ପୁରୁଷ ସହ ଶୁଭାଙ୍ଗୀର ଅନ୍ତରଙ୍ଗତା ? ଶୁଭାଙ୍ଗୀ ରାୟଗଡ଼ା କଲେଜ୍‌ରେ ଅଧ୍ୟାପିକା । ପ୍ରତି ସପ୍ତାହରେ ଶନିବାର, ରବିବାର ଘରକୁ ଆସେ ଏହି ସମଲେଶ୍ୱରୀ ଟ୍ରେନ୍‌ରେ । ପୁଣି ସୋମବାର ସକାଳୁ ଚାଲିଯାଏ ସେହି ଟ୍ରେନ୍‌ରେ । ଆଜି ଅଭାବିତ ଥିଲା ସେହି ଦୃଶ୍ୟଟି ଜ୍ୟୋତିପ୍ରକାଶ ଲାଗି ।

ରାସ୍ତାର ବାଁ ପଟ ପଡ଼ିଆରେ କେତୋଟି ଯାଯାବର ପରିବାର ବସତିସ୍ଥାପନ କରିଛନ୍ତି ନୂଆଁଣିଆ ଛୋଟ ଛୋଟ ତମ୍ବୁ ଟାଣି । ପଲିଥିନ୍ ଓ ଜରିର ତମ୍ବୁ । ଦିନସାରା ଗାଁ ଗାଁ ବୁଲି ପ୍ଲାଷ୍ଟିକ୍ ଜିନିଷ ବିକ୍ରିବଟା କରନ୍ତି । ବଡ଼ ବଡ଼ ପଲିଥିନ୍‌ରେ ସେମାନେ ନିଜର ପ୍ଲାଷ୍ଟିକ୍ ଜିନିଷ ପ୍ୟାକ୍‌କରି ପ୍ରସ୍ତୁତ ହେଉଥିଲେ । ଏଇ ଛକରୁ ବସ୍ ଧରିବେ । ପାର୍ଶ୍ୱବର୍ତ୍ତୀ ଗାଁକୁ ଯିବେ ବିକ୍ରି ଲାଗି । ଛୁଆଗୁଡ଼ାକ କୁଟାକାଠି ଜାଳି ନିଆଁ ପୋଉଁଥିଲେ ତମ୍ବୁ ସାମ୍ନାରେ । ବୁଢ଼ାବୁଢ଼ୀ କେଇଜଣ ଡ଼ାଳରୁ ପାଣି ଢ଼ାଳି ଦାନ୍ତ ଘଷୁଥିଲେ । ପିଲାଙ୍କୁ ଜଗିବା, ରୋଟି କରିବା ତାଙ୍କର କାମ । ଦଣ୍ଡେ ଗାଡ଼ି ଅଟକେଇଲା ଜ୍ୟୋତିପ୍ରକାଶ । ଇଚ୍ଛା ହେଲା ଆଜି ଟିକେ ଗାଡ଼ି ଅଟକେଇ ଦେଖିବ ତାଙ୍କର ଜୀବନଚର୍ଯ୍ୟା । ବେଶ୍ ଫୁର୍ତ୍ତିରେ ଥିଲେ ସେମାନେ । କୋରାପୁଟର ଅସହ୍ୟ ଥଣ୍ଡାରେ ସାମାନ୍ୟ ଗୋଟେ ଜରିର ତମ୍ବୁରେ ଶୋଇ, ଜୀବନର କିଛି ସାଧନ ନଥିବା ବ୍ୟକ୍ତିଟିଏ କେମିତି ଏତେ ଖୁସି ହୋଇପାରେ ? ପଚାରିବ କି ସେ ସେମାନଙ୍କୁ, ତାଙ୍କର ସ୍ୱାମୀମାନେ କେବେ ଅନ୍ୟପୁରୁଷର ପ୍ରେମରେ ପଡ଼ନ୍ତିନି ?

କେମିତି ଲାଗେ ସେତେବେଳେ ତାଙ୍କୁ ? ଏହି ଫୁର୍ତ୍ତିର ହସଟା କଣ ସେତେବେଳେ ବି ବଳବତ୍ତର ରହେ ? ବେଳକୁ ବେଳ ଅସ୍ଥିରତା ବଢୁଥିଲା ଜ୍ୟୋତିପ୍ରକାଶର । ସେ ନିଜେ ବି ଆଶ୍ଚର୍ଯ୍ୟ ହେଉଥିଲା ଶୁଭାଙ୍ଗୀ ପ୍ରତି ତାର ଏ ପୋଜେସିଭ୍‌ନେଶ୍‌କୁ ନେଇ । ହେବନି ବା କାହିଁକି ? ବାହାହେଲା ଦିନୁ ସେତ କୌଣସି ଝିଅ ବା ସ୍ତ୍ରୀ ସହ ଅନ୍ତରଙ୍ଗ ହୋଇନାହିଁ । ଶୁଭାଙ୍ଗୀକୁ କେନ୍ଦ୍ରବିନ୍ଦୁଟିଏ କରି ସେ କେବଳ ତାର ପରିଧିରେ ଘୁରିଛି । ନା – ଏଥର ଶୁଭାଙ୍ଗୀ ଭଳି ସେ ବି ଅନ୍ୟ ନାରୀ ସହ ଅନ୍ତରଙ୍ଗ ହେବ । ଏ କଥା ଭାବିଲାବେଳକୁ ଅଫିସର ଘୁଙ୍ଘୁଂରୁ ଚକ୍ରବର୍ତ୍ତୀ ଆଖି ଆଗରେ ଭାସି ଉଠିଲା । ବେଶ୍ ସୁନ୍ଦର କଜ୍ଜ୍ୱଳ ଲଗା ଟଣାଟଣା ଆଖି । ଲିପ୍‌ଷ୍ଟିକ୍ ରଞ୍ଜିତ କମଳା ପାଖୁଡ଼ା ଓଠ । ଘନକଳା ଲମ୍ବା ବେଣୀ । ବେଶ୍ ସୁନ୍ଦର ବାଗେଇ ପିନ୍ଧିଥାଏ ମଣ୍ଡଦିଆ ସୂତାଶାଢ଼ୀ । ତା ଗୋରା ଦେହକୁ ଭାରିମାନେ କଟନ୍ ପ୍ରିଣ୍ଟେଡ୍ ଶାଢ଼ୀ । ବିଭିନ୍ନ କାମ ଆଳରେ ଆସେ ତା ପାଖକୁ । ଭାରି ମିଠା କଥାବାର୍ତ୍ତା । ବେଶ୍ ଭଦ୍ର ବି କିନ୍ତୁ ଟିକିଏ ଅଧିକ ଗପୁଡ଼ି । ଜ୍ୟୋତିପ୍ରକାଶର ସରଳ ମନ ଦ୍ୱାରା ସେ ବେଶୀ ପ୍ରଭାବିତ ବୋଲି ବି କହେ । ଏକଥା ଶୁଣିଲେ ଜ୍ୟୋତିପ୍ରକାଶର କପାଳ ଝାଳେଇ ଯାଏ । ଧିରେ ଆଖି ଉଠାଇ ସନ୍ତର୍ପଣରେ ଚାହେଁ, ଘୁଙ୍ଘୁଂରୁକୁ ନୁହେଁ, ଅଫିସର ଷ୍ଟାଫ୍‌ଙ୍କୁ । କାହିଁ କେହି ଦେଖୁ ନାହାନ୍ତି ତ ! ଶୁଣୁନାହାନ୍ତି ତ ସେମାନଙ୍କର କଥା ? ନହେଲେ କାଲି ଏହି କଥାକୁ ନେଇ ଅଫିସ୍‌ରେ ରୀତିମତ୍ ଗୋଟେ ସରମ୍‌ଗରମ୍ ଚର୍ଚ୍ଚା ଆରମ୍ଭ ହୋଇଯିବ ଆଉ ତାର ସହକର୍ମୀମାନେ ଯାଉଣୁଆସୁଣୁ ତାକୁ ଦେଖି ମୁରୁକି ମୁରୁକି ହସିବେ । ଜ୍ୟୋତିପ୍ରକାଶ ସତର୍କ ହୋଇଯାଏ । ବେଶ୍ ସ୍ୱାଭାବିକ ଥାଏ ଘୁଙ୍ଘୁରୁ ଚକ୍ରବର୍ତ୍ତୀ । ଜ୍ୟୋତିପ୍ରକାଶ ଅପ୍ରତିଭ ହୋଇ ଫାଇଲ୍ ଓଲଟପାଲଟ କରେ । ଶୁଭାଙ୍ଗୀର ମୁଠାମୁଠା ଚୁଡ଼ି ଝୁଣୁଝୁଣୁ କରେ ସେହି ଫାଇଲ୍ ଭିତରେ । ଶୁଭାଙ୍ଗୀ ରୂପା ଫରୁଆରୁ କାଠିରେ ନେଇ ସିନ୍ଦୁର ମାରିବା ଦୃଶ୍ୟ ଦିଶିଯାଏ । ବସ୍‌ଙ୍କ ପାଖରୁ ଫାଇଲ୍ ଆଣିବାର ବାହାନା କରି ଉଠିଯାଏ ଜ୍ୟୋତିପ୍ରକାଶ । ବସ୍‌ଙ୍କ କ୍ୟାବିନ୍ ଡ଼ୋର ପାଖରେ ପହଞ୍ଚି ଆଶ୍ୱସ୍ତିର ନିଶ୍ୱାସ ମାରେ । ଅଥଚ ଆଜି ସେ ଭାବୁଛି ଘୁଙ୍ଘୁରୁ ଚକ୍ରବର୍ତ୍ତୀକୁ ପ୍ରେମ କରିବା କଥା । ନିଜ ମନେମନେ ହସିଲା ସେ । ଏଭଳି ଉଦ୍ଭଟ ଚିନ୍ତାଟିଏ ତା ମନକୁ ଆସିଲା କାହିଁକି ? ଶୁଭାଙ୍ଗୀ ପ୍ରତି ପ୍ରତିଶୋଧ ପରାୟଣ ମନ ଅଥବା ତା ମନ ଭିତରେ କୌଣସି କୋଣରେ ଘୁଙ୍ଘୁରୁ ଚକ୍ରବର୍ତ୍ତୀ ଭଳି ନାରୀଟିକୁ ନେଇ ପ୍ରେମିକ ହେବାର ସୁପ୍ତ ଅଥବା ମୁମୂର୍ଷୁ ସ୍ୱପ୍ନଟିଏ ବଞ୍ଚିରହିଛି ? ସବୁ ପୁରୁଷଙ୍କ ଭିତରେ ଏମିତି ପ୍ରେମିକ ହେବାର ପ୍ରବଣତାଟେ ସେମାନଙ୍କର ଅଲକ୍ଷ୍ୟରେଛପି ରହିଥାଏ କି ? ନ ହେଲେ ନାରୀଟିଏ ପୁରୁଷଙ୍କ ଆଡ଼କୁ ଆକର୍ଷିତ ହେଲେ, ବିବାହିତ ପୁରୁଷଟିଏ ବି ଗର୍ବରେ ଉତ୍‌ଫୁଲ୍ଲିତ କାହିଁକି ହୁଅନ୍ତା ? ସମାଜର ଭୟ ନଥିଲେ, ପୁରୁଷଟି କଣ ଆଗ୍ରାହ୍ୟ କରନ୍ତା ନାରୀର ପ୍ରେମ ପ୍ରାର୍ଥନାକୁ, କେବେ ବି ? ସେ ତ କାହିଁ ଆଜିଯାକେ ନିଜ ଅନ୍ତରରୁ ରାମଚନ୍ଦ୍ର ହେବାକୁ ଚାହୁଁଥିବା ପୁରୁଷଟିଏ ଭେଟିନି ? ତା ହେଲେ ସବୁ ପୁରୁଷ 'ସୀତା' ଟିଏ ପାଇଁ ବା ଆଶାପାର୍ଥୀ କାହିଁକି ହୁଅନ୍ତି ? ସମାଜର ରାବଣମାନଙ୍କର ଛାଇପଡ଼ିଲେ, କାହିଁକି ବାରବାର ସ୍ତ୍ରୀମାନଙ୍କଠାରୁ ଅଗ୍ନିପରୀକ୍ଷା ମାଗନ୍ତି ? ସେ ନିଜେ ଆଜି କାହିଁକି ଚହଲି ଉଠୁଛି ଶୁଭାଙ୍ଗୀକୁ ଅନ୍ୟପୁରୁଷ ସହ ଅନ୍ତରଙ୍ଗ ହେବା ଦେଖି ?

ମନୁଷ୍ୟ ମନ ବି ଅଜବ । କ୍ଷଣକ୍ଷଣକେ ପାରିପାର୍ଶ୍ୱିକ ଅବସ୍ଥା ନେଇ କେତେ ରୂପ ବଦଳାଉଥାଏ । କେତେ ପ୍ରକାରର କାମ କରାଉଥାଏ ମଣିଷ ହାତରେ । କ୍ରୀଡନକ ସାଜି ମଣିଷବି ନାଚୁଥାଏ ମନର ଇସାରାରେ ।

କଲେଜ୍ ପୁଅଝିଅ ଦଳେ ରାସ୍ତାକଡ଼ରେ ଅପେକ୍ଷା କରିଥିଲେ ବସ୍‌କୁ । ବେଶ୍ କଳରବ ଚାଲିଥିଲା । ଜୀବନକୁ ନେଇ ଅନେକ ଉଚ୍ଛ୍ୱାସ । ଜ୍ୟୋତିପ୍ରକାଶ ନିଜ ଭିତରେ କାହିଁ ସେହି ଉଚ୍ଛ୍ୱାସ ହରାଇ ବସିଛି ? ନିଜର ଅତିପ୍ରିୟ ଲୋକଟି ଦୂରେଇ ଯିବାର ଆଭାସ ପାଇଲେ ଏମିତି ଦଶା ସମସ୍ତଙ୍କର ହୁଏ କି ? ଜ୍ୟୋତିପ୍ରକାଶ କଣ ଶୁଭାଙ୍ଗୀ ପ୍ରତି ଅଧିକ ଆସକ୍ତ ? ଅଥବା ନିର୍ଭରଶୀଳ ? ଶୁଭାଙ୍ଗୀକୁ ସେ ତା ଜୀବନର ଅଧିକ ମୂଲ୍ୟବାନ ମଣିଷଟିଏ ବୋଲି ଭାବେ କି ? ନା ଶୁଭାଙ୍ଗୀ ତା ଠାରୁ ଦୂରେଇ ଗଲେ ତାର ପୌରୁଷ ହାରିଯିବ ବୋଲି ସେ ଆଶାଙ୍କାଗ୍ରସ୍ତ ? ନା ସ୍ତ୍ରୀ ଟିଏ ପ୍ରତି ତାର ଆଧିପତ୍ୟ ଜାହିର୍ କରିବାକୁ ଚାହେଁ ଯାହାକି ଏକ ସଂକୀର୍ଣ୍ଣ ସ୍ୱାମୀ ସୁଲଭ ଗୁଣ ? କାହିଁ, ସେ ସମାଜରେ ଉପହସିତ ହେବାର ଭୟରେ ଆଶଙ୍କାଗ୍ରସ୍ତ ନୁହେଁ ତ ? ତର୍ଜମା କରୁଥିଲା ଜ୍ୟୋତିପ୍ରକାଶ ନିଜକୁ, ଶୁଭାଙ୍ଗୀକୁ, ତାଙ୍କର ଏତେ ବର୍ଷର ସମ୍ପର୍କକୁ, ସମାଜର ନିକିତିରେ ନାରୀ ଓ ପୁରୁଷର ପଲା କୁ ।

ଘରେ ପହଞ୍ଚି ଚ କପ୍‌ଟେ ତିଆରି କଲା । କଡ଼ା ଚ । ସବୁବେଳେ ସେ ଫିକା ଚ ପସନ୍ଦ କରେ । ଅଥଚ ଆଜି କଡ଼ା ଚ ପିଇବାକୁ ଇଚ୍ଛା କଲା । ମୁଣ୍ଡ ଟିକେ ହାଲୁକା ଲାଗିପାରେ । ବିଷକୁ କାଳେ ବିଷ କାଟେ । ନିଜ ପ୍ରତି ଦୟା ଆସୁଥିଲା ତାର, ନିଜ ଅସହାୟତା ଓ ବ୍ୟାକୁଳପଣକୁ ଦେଖି । ଫୋନ୍ କରିବ କି ସେ ଶୁଭାଙ୍ଗୀକୁ ? ରାଗ ଆସୁଛି ମନରେ, ବିତୃଷ୍ଣା ବି । ଇଚ୍ଛା ହେଉନି କଥା ହେବାକୁ । କିନ୍ତୁ ଜାଣିବାର ଇଚ୍ଛା ବି ବେଳକୁ ବେଳ ବଳବତ୍ତର ହେଉଛି । ଯେ ପର୍ଯ୍ୟନ୍ତ କେହି ନିଜେ ନିଜକୁ ନିୟନ୍ତ୍ରଣ କରିବାକୁ ନ ଚାହିଁଛି, ଅନ୍ୟ କାହା ଦ୍ୱାରା ତାହା କଣ ସମ୍ଭବ ହୋଇପାରିଛି । ନିଜ ଅନ୍ୟମନସ୍କତାରେ ହିଁ ସେ କଲ୍

ଲଗାଇଲା ଶୁଭାଙ୍ଗୀକୁ । 'ନଟ୍ ରିଚେବଲ୍' । 'ଓଃ ! ନୋ' ଗୋଟେ ଭାରୀ ନିଶ୍ୱାସ ନିର୍ଗତ ହେଲା । ଚା ସସ୍‌ପେନ୍‌ରୁ କପ୍‌କୁ ଢ଼ାଳୁଢ଼ାଳୁ ରୋଷେଇ ଘର ଚତୁର୍ଦ୍ଦିଗକୁ ଦୃଷ୍ଟି ଦୌଡ଼େଇ ଆଣିଲା ।

ଯିବା ପୁର୍ବରୁ ଶୁଭାଙ୍ଗୀ ବ୍ରେକ୍‌ଫାଷ୍ଟ ଓ ଲଞ୍ଚ ତିଆରି କରିଦେଇଯାଇଛି । ଏତେ ବ୍ୟସ୍ତତାରେ ରୋଷେଇ କରିଛି ଯେ ରୋଷେଇଘର ଅସ୍ତବ୍ୟସ୍ତ ହୋଇପଡ଼ିଛି । ସେ ଚା ଟିକିଏ ପିଇବାକୁ ବି ସମୟ ପାଇନି । ଶାଢ଼ୀର କୁଞ୍ଚ କରୁକରୁ, ପ୍ଲିଟ କରୁ କରୁ, ମୁହଁରେ ପାଉଡ଼ର ମାଖୁମାଖୁ ଚା ପିଇଛି ବିଚାରୀ । ଜ୍ୟୋତିପ୍ରକାଶ ପାଇଁ ପିଲାମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତିରେ କେବେ ଅବହେଳା କରିନି ଶୁଭାଙ୍ଗୀ । ଯେତେ କଷ୍ଟ ହେଉ ପଛକେ । ଭାରୀ ଯତ୍ନରେ ସେ ରୋଷେଇ କରେ, ସ୍ନେହ ପ୍ରେମ ଢ଼ାଳି । ସେଇଥିପାଇଁ ଶୁଭାଙ୍ଗୀ ହାତର ଖାଦ୍ୟ ତାକୁ ବହୁତ୍ ଭଲଲାଗେ । ତାକୁ ଏତେ ଭଲପାଉଥିବା ଶୁଭାଙ୍ଗୀ କଣ ଏମିତି କିଛି କରିପାରେ ତା ପଛରେ ? ସବୁ ଦେଖିଥିବା ଦୃଶ୍ୟ କଣ ସବୁବେଳେ ସତ୍ୟ ହୁଏ ?

ଡ଼ାଇନିଂ ଚେୟାର ଉପରେ ବସିଲା ଜ୍ୟୋତିପ୍ରକାଶ । ନିଜ ଆଳସ ଦେହକୁ ବିଛାଇ । ଡ୍ରେସ୍ ବଦଳାଇବାକୁ ବି ଇଚ୍ଛା ହେଲାନି । ଘରଟା କେମିତି ଖାଁ ଖାଁ ଲାଗୁଛି, ନିଜର ଭିତରଟା ଭଳି । ତାକୁ ଲାଗୁଛି ଯେମିତି ସବୁଦିନ ପାଇଁ ଏହି ଶୂନ୍ୟତା ତାର ସାଥି ହେବାକୁ ଯାଉଛି । ଏମିତି କଣ ସେ ବଞ୍ଚିପାରିବ ? ଏତେ ଶୂନ୍ୟତାକୁ ନେଇ ?

ସମ୍ମୁଖ ସେଲ୍‌ଫରେ ଉଭୟଙ୍କର ଯୁଗଳ ଫଟୋ । ବେଶ୍ ଲାଜୁଆ ହସ ମାଖି ଶୁଭାଙ୍ଗୀ ଭିଡ଼ି ଧରିଛି ତାର ବାହୁକୁ । ହନିମୁନ୍ ଟ୍ରିପ୍‌ର ଫଟୋ । ଏହି ଫଟୋ ଦେଖିଲେ ଏବେ ବି ତା ଦେହରେ ଶୁଭାଙ୍ଗୀ ସ୍ପର୍ଶର ଉଷ୍ମତା ସଞ୍ଚରିଯାଏ । ଗାଢ ସବୁଜ ରଙ୍ଗର ଶାଢ଼ୀ ପିନ୍ଧିଛି ଶୁଭାଙ୍ଗୀ । ସବୁ ରଙ୍ଗ ମାନେ ଶୁଭାଙ୍ଗୀକୁ । ଅତି ସୁନ୍ଦର ଆକର୍ଷଣୀୟ ବ୍ୟକ୍ତିତ୍ୱ । ବାହାଘରର ଏତେ ବର୍ଷ ପରେ ବି ସେ ପ୍ରେମିକାଟିଏ ଭଳି ଲାଗେ । ଶୁଭାଙ୍ଗୀର ଉପସ୍ଥିତି, ସାନ୍ନିଧ୍ୟ ସବୁ କିଛି ଆଜି ବି ତା ପାଇଁ ବାହାଘର ପରର ପ୍ରଥମ ଦିନ ଗୁଡ଼ିକ ଭଳି ରୋମାଞ୍ଚ ଓ ଉତ୍ତେଜନାରେ ଭରା । କେବେ ସେଥିରେ ଭଟ୍ଟା ପଡ଼ିନି । ଶୁଭାଙ୍ଗୀ କେବେ ପଡ଼ିବାକୁ ଦେଇନି । ଜୀବନକୁ ରୋମାଞ୍ଚକର କରିବାକୁ ତାର ନିଜ ଦୃଷ୍ଟିଭଙ୍ଗୀ ଅନୁଯାୟୀ ଯଥେଷ୍ଟ ଯତ୍ନ ନେଇଛି । ଜୀବନକୁ ଉପଭୋଗ କରିଛି ଜ୍ୟୋତିପ୍ରକାଶ ଭଳି ଲାଜକୁଳା, ଅନ୍ତର୍ମୁଖୀ ସାଧାସିଧା ମଣିଷଟେ ଶୁଭାଙ୍ଗୀ ଭଳି ପତ୍ନୀ ପାଇ । ତେଣୁ ତ ଶୁଭାଙ୍ଗୀକୁ ବାଦ୍ ଦେଇ ସେ ଦିନଟିଏ ବି କଳ୍ପନା କରିପାରେନି । ଆଉ ଆଜି କେମିତି ବାଣ୍ଟି ଦେଇପାରିବ ଶୁଭାଙ୍ଗୀର ପ୍ରେମକୁ ଅନ୍ୟ ସହ ? ଅସମ୍ଭବ ଏକଲାପଣ ତା ଭିତରେ । ଶୁଭାଙ୍ଗୀ ପ୍ରତି ରାଗ, ବିତୃଷ୍ଣା ଏବେ ତରଳି, ବଦଳି ଯାଉଥିଲା ଏକ ଅଭିମାନ ଓ ଆବେଗର ନଦୀରେ । ପୁରୁଷମାନଙ୍କର ଆଖିରେ ସହଜରେ ଲୁହ ଆସେନି କାହିଁକି କେଜାଣି । ଯଦି ଆସିପାରୁଥାନ୍ତା, ହୁଏତ ଅସମୟରେ ସେମାନେ ବୟସ୍କ ହୋଇଯାଉନଥାନ୍ତେ । ଗମ୍ଭୀର ଓ ଚିଡ଼୍‌ଚିଡ଼୍ ମନୁଷ୍ୟରେ ପରିବର୍ତ୍ତିତ ହେଉ ନ ଥାନ୍ତେ ।

ନିରାସକ୍ତ ଭାବେ ପେପର୍ ଓଲଟାଇଲା । ହଠାତ୍ ରିଂ ହେଲା ଫୋନ୍ । ଶୁଭାଙ୍ଗୀ କଲିଂ । ତଡ଼ିତର ପ୍ରବାହ ଜ୍ୟୋତି ପ୍ରକାଶର ଶରୀରରେ । ଉତ୍କଣ୍ଠା, ବ୍ୟାକୁଳତା, ଅଭିମାନ ସବୁର ଫେଣ୍ଟାଫେଣ୍ଟି ସ୍ୱର ତାର କଣ୍ଠରେ ।

ସେପଟୁ ଶୁଭାଙ୍ଗୀର ତାଗିଦ୍, ବ୍ଲଡ଼୍‌ପ୍ରେସର ମେଡ଼ିସିନ୍ ଖାଇବାକୁ, ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଖାଇବାକୁ ଯେମିତି ଭୁଲି ନ ଯାଏ, ବାଥ୍‌ରୁମ୍‌ରେ ଟାୱେଲ ରଖାହୋଇଛି ।

ଶୁଭାଙ୍ଗୀ ସବୁଦିନ ଯେମିତି । ତନ୍ନତନ୍ନ କଥା ପଚାରୁଥାଏ । ସେଥିପାଇଁ ବେଳେବେଳେ ଜ୍ୟୋତିପ୍ରକାଶ ଅଣନିଶ୍ୱାସୀ ହୋଇଯାଏ । ''ମୁଁ କଣ ଛୋଟ ପିଲା ହୋଇଛି । ଚିଡ଼୍‌ଚିଡ଼୍ ହୋଇ କହେ । ଅଥଚ ମନେମନେ ଅପେକ୍ଷା କରୁଥାଏ ସବୁବେଳେ ତା ପ୍ରତି ଶୁଭାଙ୍ଗୀର ବ୍ୟସ୍ତତା ଭାବକୁ । ଜ୍ୟୋତି ପ୍ରକାଶର ବିରକ୍ତି ଭାବ ସତ୍ତ୍ୱେ ଶୁଭାଙ୍ଗୀର ଏହି ଅଭ୍ୟାସ ଆଜି ଯାକେ ବଦଳିନି ।

ଜ୍ୟୋତି ପ୍ରକାଶର କୌଣସି ଇଚ୍ଛାକୁ କେବେ ତଳେ ପକେଇ ଦେଇନି । ସମ୍ମାନ ଜଣାଇ ପ୍ରାଣପଣେ ପୂରଣ କରିଛି, ପସନ୍ଦ ଖାଦ୍ୟଠାରୁ ଆରମ୍ଭ କରି ଶାରିରୀକ କ୍ଷୁଧା ପର୍ଯ୍ୟନ୍ତ, ଶ୍ୱଶୁର ଘର ପ୍ରତି କର୍ତ୍ତବ୍ୟଠାରୁ ଆରମ୍ଭ କରି କର୍ମକ୍ଷେତ୍ରର ଦାୟିତ୍ୱ ପର୍ଯ୍ୟନ୍ତ ।

କାନ୍ଥରେ ଟଙ୍ଗା ହୋଇଥିବା ଶୁଭାଙ୍ଗୀର ଏକୁଟିଆ କ୍ଲୋଜଅପ୍ ଫଟୋକୁ ଚାହିଁଲା । ପାର୍ଶ୍ୱକୁ ମୁହଁ କରିଥିବା ଓଠରେ ଖୋଲା ନିର୍ମଳ ହସଧାରେ । ଶୁଭାଙ୍ଗୀର ମନଟା ସବୁବେଳେ ଏମିତି ନିର୍ମଳ ଛଳଛଳ ଲାଗେ । ଅଥଚ ଆଜି ସାମାନ୍ୟ ଗୋଟିଏ ଘଟଣା ତାକୁ ଚହଲାଇ ଦେଉଛି । ଦୋହଲାଇ ଦେଉଛି ତାର ପ୍ରେମ ଓ ବିଶ୍ୱାସର ମୂଳଦୁଆକୁ । କାହିଁକି ? କିଛି ମୂଲ୍ୟ ନାହିଁ କଣ ଶୁଭାଙ୍ଗୀର ଏତେ ଦିନର ପ୍ରଗାଢ଼ ଆନ୍ତରିକତାର ? କାହିଁକି ଚୋଟ ଖାଉଛି ତାର ପୌରୁଷ, କାହିଁକି କ୍ଷତାକ୍ତ ହେଉଛି ତାର ଅହଂଭାବ ? କୋଉ ସମ୍ପର୍କର ଅହଂକୁ ନେଇ ସେ ଆଜି ବ୍ୟାକୁଳ ଭାବେ ଅପେକ୍ଷା କରିଛି ଶୁଭାଙ୍ଗୀର କୈଫିୟତ୍‌କୁ ? ସଫେଇକୁ ? କଣ ସେହି

ସମ୍ପର୍କ, ଯେଉଁ ସମ୍ପର୍କ କେବେ ହିଁ ନଥିଲା ବୋଲି ଆଜି ସେ ଭାବୁଛି ? ଲଜ୍ଜିତ ଅନୁଭବ କରୁଥିଲା ସେ । ନିଜ ଚିନ୍ତାଧାରା ଗୋଟେ ପଚା ନର୍ଦ୍ଦମାର ଧାର ଭଳି ତାକୁ ପ୍ରତୀୟମାନ ହେଲା । ଆଉ ତାର ପଚା ଗନ୍ଧରେ ସେ ନିଜେ ଅସ୍ତବ୍ୟସ୍ତ, ଘର୍ମାକ୍ତ ହୋଇପଡ଼ିଲା ।

ଫୋନ୍‌ରେ ସେ ପଟୁ କହିଚାଲିଥିଲା ଶୁଭାଙ୍ଗୀ । "ଏଇ ଜାଣିଛ, ଆଜି କାହା ସହ ଦେଖା ହେଲା ? ସୁମନ୍ । ଆମ ସୁମନ୍ ମ ! ମୋ ପୁତୁରା । ଜଗ୍‌ଦଲ୍‌ପୁରରେ ଗୋଟିଏ ଜବ୍‌ରେ ଜଏନ୍ କରିଛି । ସେ ବି ଯାଉଥିଲା ରାୟଗଡ଼ା । ଏକା ବଗିରେ, ହଠାତ୍ ଦେଖା ହୋଇଗଲା । ସେ କେତେ ବଡ଼ ହୋଇଗଲାଣି । ମୋରି କୋଳରେ ବଡ଼ ହୋଇଛି ସେ ... ।"

ଜ୍ୟୋତିପ୍ରକାଶ ଶରୀରରେ ଯେଉଁ ଉତ୍ତପ୍ତ ଲାଭାର ସ୍ରୋତଟିଏ ପ୍ରବହମାନ ଥିଲା, ଅନେକ ବେଳୁ ତାହା ବରଫ ହୋଇ ଜମିବାକୁ ଲାଗିସାରିଥିଲା । ଶୁଭାଙ୍ଗୀର କୈଫିୟତ୍ ନା ତାକୁ ଶୁଭୁଥିଲା ନା ଶୁଣିବାର ଇଚ୍ଛା ଥିଲା ।

ଝର୍କା ଦେଇ ବାହାରକୁ ଚାହିଁଥିଲା ସେ । ଘର ସମ୍ମୁଖସ୍ଥ ପଡ଼ିଆରୁ ଘନ କୁହୁଡ଼ି ଅପସରି ଯାଇଥିଲା । ଘାସ ଉପରେ ଚିକ୍‌ଚିକ୍ କରୁଥିଲା ଶୀତସକାଳର ସ୍ୱଚ୍ଛ କାକର ଟୋପା ।

ବିରଳ ଲାଲ୍‌ଟୁକ୍‌ଟୁକ୍ ସାଧବ ପୋକଟିଏ ସଗର୍ବେ ଚାଲିଥିଲା, ବିଷାକ୍ତ ଓ ପ୍ରତିକୂଳ ପରିସ୍ଥିତିକୁ ଆଡ଼େଇ ଆଡ଼େଇ, ଧିର ଅଥଚ ଛନ୍ଦମୟ ପଦପାତରେ ।

*ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ*

# ବିଶ୍ୱାସ

ବାଉରିବନ୍ଧୁ ଲେଙ୍କା

ପ୍ରାୟ ବର୍ଷେ ପାଖାପାଖି ହେବ । ସନ୍ଧ୍ୟା ସମୟରେ ନିଖିଳେଶ ବାବୁ ଓ ପତ୍ନୀ ନିହାରିକା ଡ୍ରଇଁରୁମ୍‌ରେ ବସି ଚାହା ପିଉଥାଆନ୍ତି । ଟି.ଭି.ରେ ଓଡ଼ିଆ ପ୍ରାର୍ଥନା ଚ୍ୟାନେଲ୍ ଚାଲିଥାଏ । ଠିକ୍ ଛଅଟା ବେଳକୁ ଜଗନ୍ନାଥଙ୍କ ସନ୍ଧ୍ୟା ଆରତୀ ଆରମ୍ଭ ହେଲା । ଆରତୀ ସରିଲା ପରେ ନୀହାରିକା ସ୍ୱାମୀଙ୍କୁ କହିଲେ - "ଏଥର ଦୁର୍ଗାପୂଜା ସମୟରେ ଟିକେ ପୁରୀ ଗଲେ ହୁଅନ୍ତାନି ? ବହୁତ ଦିନ ହୋଇଗଲାଣି ମହାପ୍ରଭୁଙ୍କ ଦର୍ଶନ କରିନେ । ଦର୍ଶନକରି ସମୁଦ୍ରକୂଳ ଆଡ଼େ ଟିକେ ବୁଲାବୁଲି କରି ଫେରିଆସନ୍ତେ ।"

ନିଖିଳେଶ ବାବୁ ଅବସର ନେଲାପରେ ପ୍ରାୟ ଘରେ ହିଁ ରହୁଛନ୍ତି । କୁଆଡ଼େ ବୁଲିଯିବାକୁ କହିଲେ ଛେଳିକୁ ହାଣ ମୁହଁକୁ ନେଲାପରି ହୁଅନ୍ତି । ସେପରି ହେବାର କାରଣ ମଧ୍ୟ ଅଛି । ତାଙ୍କର ଦେହ ଅନେକ ସମୟରେ ହଠାତ୍ ଖରାପ ହୋଇଯାଏ । ଏକୁଟିଆ ଗାଡ଼ି ଚଲାଇ କାହାକୁ ସାଙ୍ଗରେ ଧରି ବାହାରକୁ ଯିବା ପାଇଁ ନିଜ ଉପରେ ଭରସା କରିପାରନ୍ତି ନାହିଁ । ବାଟରେ ଗଲାବେଳେ କାଳେ କିଛି ଅସୁବିଧା ହେବ, ସେତେବେଳେ ସେ କ'ଣ କରିବେ ଏହିପରି ଅନେକ କଥା ତାଙ୍କ ମୁଣ୍ଡରେ ପଶୁଥିବାରୁ ସେ ନିଜକୁ ନିରାପଦ ମଣନ୍ତି ନାହିଁ । ହେଲେ ତାଙ୍କ ପତ୍ନୀ ଏସବୁ ନଜାଣି ବିରକ୍ତିଭରା ସ୍ୱରରେ କେତେ କ'ଣ କହିଯାଆନ୍ତି । ନିଖିଳେଶବାବୁଙ୍କର ନିରବତା ଦେଖି ନୀହାରିକା କହିବାକୁ ଆରମ୍ଭ କଲେ - "ଦେଖିବ ଗଲ, ସେ ତ୍ରିପାଠୀ ବାବୁଙ୍କୁ । ଧନ୍ୟ ତାଙ୍କୁ କହିବ । ଏକୁଟିଆ କୁଆଡ଼େ କୁଆଡ଼େ ନ ବୁଲୁଛନ୍ତି । ତମେ କ'ଣ ତାଙ୍କଠାରୁ ବେଶୀ ବୁଢ଼ା ହୋଇଗଲାଣି ? ଯେତେବେଳେ ଯାହା କହିଲେ ପାଟିରୁ ତମର 'ନା' ପଦ ଛଡ଼ା ଆଉ କିଛି କେବେ ବାହାରିଛି ? ସବୁବେଳେ ଗଣ୍ଡେ ଖାଇଦେଇ ସେଇ ଘରଟା ଭିତରେ ବସିଥାଅ । ସକାଳୁ ଉଠି ସେ ସୋଫାଟା ଉପରେ ବସୁଛ ଯେ ରାତି ଏଗାରଟା ଯାଏ । ତମ ଅଣ୍ଟା ପିଠି କିଛି ହେଉନି ?"

ପତ୍ନୀଙ୍କର ଏସବୁ କଥା ଶୁଣୁ ଶୁଣୁ କଥା ନ ବଢ଼େଇ କହିଲେ - "ଆରେ ! କହୁଛ ଯଦି ଯିବା ବ୍ୟବସ୍ଥା କରିବା । ସମୟ ତ ଅଛି । ଆଜିଠୁଁ କାହିଁକି ଏତେ ଅସମ୍ଭାଳ ହୋଇପଡୁଛ ?"

ଚାହୁଁ ଚାହୁଁ ଦୁର୍ଗାପୂଜା ସମୟ ସମୟ ଆସିଗଲା । ନୀହାରିକାଙ୍କ ମୁଣ୍ଡରେ ପୁରୀ ଯିବା ନିଶାଟା ସେବେଠୁ ଚଢ଼ିକରି ଅଛି । ସେକଥା ସେ ଭୁଲନ୍ତେ ବା କିପରି ? ସପ୍ତମୀପୂଜା ଆରମ୍ଭ ହୋଇଯାଇଥାଏ । ପୁରୀ କେବେ ଯିବେ ସେଦିନ ସ୍ଥିର ହୋଇ ନଥାଏ । ନିଖିଳେଶ ବାବୁ ମନେମନେ ଭାବୁଥା'ନ୍ତି କି ଯଦି ନୀହାରିକା ପୁରୀ ଯିବା ବିଷୟଟିକୁ ପାସୋରି ଯାଇଥିବ ଭଲ ହୁଅନ୍ତା ।

ସନ୍ଧ୍ୟା ପ୍ରାୟ ପାଞ୍ଚଟା ପାଖାପାଖି ହେବ । ନୀହାରିକାଙ୍କର ମୋବାଇଲ୍ ରିଙ୍ଗ୍ ହେଲା । ସାଗରିକା, ତାଙ୍କ ସାନଭଉଣୀ ଫୋନ୍ କରିଥିଲା । ଦୁଇ ଭଉଣୀ ପାଞ୍ଚରୁ ଛଅ ବର୍ଷ ଭିତରେ ସାନ ବଡ଼ । ବଡ଼ ଦୁର୍ଭାଗ୍ୟ ତା'ର । ବହୁତ ଖରାପ ସମୟ ଦେଇ ଗତିକରୁଛି ସେ । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ କାମ କରେ । ସ୍ୱାମୀ ଶିକ୍ଷକତା କରନ୍ତି ସମ୍ବଲପୁରରେ । ସାଗରିକା ପିଲାମାନଙ୍କୁ ନେଇ ଭୁବନେଶ୍ୱରରେ ରୁହେ । ସମୟେ ସମୟେ ଭାଗ୍ୟ ମଣିଷର ସହାୟତା କରେନାହିଁ । ପ୍ରାୟ ବର୍ଷେ ପାଖାପାଖି ହେବ, ରାତିରେ ବସ୍‌ରେ ସମ୍ବଲପୁର ଯିବା ବାଟରେ ତା'ର ସ୍ୱାମୀଙ୍କର ଭୟଙ୍କର ବସ୍ ଦୁର୍ଘଟଣାରେ ସାଂଘାତିକ ବ୍ୟାକ୍‌ବୋନ୍ ଇଂଜ୍ୟୁରୀ ହୋଇ ସମ୍ପୂର୍ଣ୍ଣ ରୂପେ ଅଚଳ ହୋଇଗଲେ । ଅପରେସନ୍‌ରେ ବହୁତ ଟଙ୍କା ଖର୍ଚ୍ଚ ହେଲା । ହେଲେ କିଛି ସୁଧାର ହେଲା ନାହିଁ । ମୋବାଇଲ୍ ଉଠାଇ ନୀହାରିକା ପଚାରିଲା - "ହଁ, କହ ସାଗରିକା । କ'ଣ ଅସୁବିଧା ହେଲାକି ?"

"ନାଁ' ଦେଈ, ସେମିତି କିଛି ନୁହେଁ । ଗୋଟେ କଥା କହିବାକୁ ଚାହୁଁଥିଲି । ଯଦି ମନା ନ କରିବୁ ତେବେ କହିବି ।"

ସଙ୍ଗେ ସଙ୍ଗେ ନୀହାରିକା ଉତ୍ତର ଦେଲେ - "ଆରେ ! କଣ୍ଡିସନ୍ କ'ଣ କରୁଛୁ । ଏପରି କ'ଣ କହିବୁ ଯେ ଦେଈ ତୋତେ ମନା କରିଦେବ ? ଆଜିଯାଏ କ'ଣ ଦେଈକୁ ଚିହ୍ନିବାରେ ପୁଣି ବାକି ରଖିଛୁ ?"

ସାଗରିକା କହିଲେ - "କଥା କ'ଣ କି ଦେଈ, ତୁ ତ ଜାଣିଛୁ ମୋର ଅବସ୍ଥା । ୟାଙ୍କ ଆକ୍ସିଡେ଼ଣ୍ଟ ପରେ ଯେତେ ଠାକୁର ଠାକୁରାଣୀ ମୋ ଜାଣିବାରେ ଥିଲେ, ସମସ୍ତଙ୍କୁ ମାନସିକ କରିଥିଲି । ଓଲଟପୁରରେ ଦୁଇମାସ ରହି ଫିଜିଓ ଥେରାପି

ନେଲାପରେ ତାଙ୍କର କିଛିଟା ଉନ୍ନତି ହୋଇଥିବାର ମୁଁ ଦେଖୁଛି । ସମୟସାପେକ୍ଷ ହେଲେବି ଧୀରେ ଧୀରେ ଉନ୍ନତି ହେଉଥିବା ଜଣାପଡୁଛି । ଜଗନ୍ନାଥଙ୍କ ପାଖକୁ ଯିବା ପାଇଁ ମାନସିକ କରିଥିଲି । ହେଲେ ଯାଇପାରି ନାହିଁ । ତୁ ତ ଜାଣିଛୁ, କେମିତି ବା ଯାଇଥା'ନ୍ତି ଯେ ? ବହୁତଦିନ ଛୁଟିରେ ରହିବା ପରେ ଡ୍ୟୁଟିରେ ଯୋଗ ଦେଇଛି । ପୂଜାପାଇଁ ଦୁଇଦିନ ଛୁଟି ଅଛି । ଆସନ୍ତାକାଲି ଯଦି ତୋର ଓ ଭାଇଙ୍କର ଯାଆନ୍ତ, ତମ ସାଙ୍ଗରେ ଯାଇ ଦର୍ଶନ କରି ଫେରିଆସନ୍ତି । ଆସନ୍ତାକାଲି ଅଷ୍ଟମୀ ଅଛି, ଭଲଦିନ । ଆସନ୍ତାକାଲି ଯଦି ନଯାଇ ପାରୁଛି, ଆଉକେବେ ଛୁଟି ମିଳିବ କି ନାହିଁ କହି ହେବନି ।"

କହିସାରିବା ପରେ ଦେଈର ଉତ୍ତର ଅପେକ୍ଷାରେ ଥାଏ ସାଗରିକା । ନୀହାରିକା ହଠାତ୍ କ'ଣ କହିବେ ଠିକ୍ କରିପାରିଲେନି । ଯଦି ହଁ କହିଦେଉଛି ଆଉ ସ୍ୱାମୀ ନଯିବା ପାଇଁ କିଛି ବାହାନା ବାହାର କରନ୍ତି, ସେ ଅସୁବିଧାରେ ପଡ଼ିଯିବେ । ତେଣୁ ସେ କଥାକୁ ଚଳେଇକି କହିଲେ କି – "ହଁ, ଯିବାଯେ, ତୁ ଟିକେ ଭାଇଙ୍କ ସାଙ୍ଗରେ କଥା ହୋଇଯା' । ତୁ କହିଲେ ସେ ଅରାଜି ହେବେନାହିଁ ।"

ଏତକ କହି ସେ ମୋବାଇଲ୍‌ଟି ନିଖିଳେଶବାବୁଙ୍କ ହାତକୁ ବଢ଼େଇଦେଲେ । କଥାରେ ଅଛି କାଳିଆର ଡୋରି ନ ଲାଗିଲେ ଯେତେ ଚାହିଁଲେ ବି ପୁରୀ ଯାଇହୁଏନା । ନିଖିଳେଶବାବୁ ସାଗରିକା ସହ କଥା ହେଲାପରେ ତାକୁ କିପରି ବା ମନା କରିଥା'ନ୍ତେ । ତା'ର ସବୁ ଅସୁବିଧା ନିଜ ଆଖିରେ ଦେଖି ଯଦି ଏତିକି ତା' ପାଇଁ ନ କରିବେ, ତେବେ ବାହାର ଲୋକ କିଏ କାହିଁକି ଅନେଇବ ? ସେ ବିଶେଷ କିଛି ନକହି ଯିବାପାଇଁ ସମ୍ମତି ଜଣାଇଲେ । ସାଗରିକାର କଥା ରଖିବା ସହିତ ପତ୍ନୀଙ୍କୁ ଦେଇଥିବା କଥାବି ରକ୍ଷା ହୋଇଯିବ ଭାବି ନିଖିଳେଶ ବାବୁ ଟିକେ ଖୁସି ହୋଇଗଲେ ।

ନିଖିଳେଶ ବାବୁ ଟ୍ରାଭେଲ୍ ଏଜେନ୍ସି ସହ କଥାହୋଇ ଗାଡ଼ିଟିଏ ବୁକ୍ କରିଦେଲେ । ପରଦିନ ସକାଳ ଦଶଟା ସୁଦ୍ଧା ଗାଡ଼ିକୁ ଆସିବାକୁ କହିଦେଲେ । ସାଗରିକାକୁ ମଧ୍ୟ ପରଦିନ ସକାଳ ଦଶଟା ସୁଦ୍ଧା ପ୍ରସ୍ତୁତ ହୋଇ ରହିବାକୁ ଫୋନ୍ କରି ଜଣେଇଦେଲେ । ରାତିରେ ଶୋଇବା ସମୟରେ ତାଙ୍କୁ ନିଦ ଠିକ୍ ଭାବେ ହେଲାନାହିଁ । ପରଦିନ ପୁରୀ ଯିବା ବିଷୟ ତାଙ୍କ ମୁଣ୍ଡକୁ ଭାରି କରି ରଖିଥାଏ । ଦୁର୍ଗାପୂଜା ସମୟ ସାଙ୍ଗକୁ ପୁଣି ଅଷ୍ଟମୀ ତିଥି । ମନ୍ଦିରରେ ଅସମ୍ଭବ ପ୍ରକାରର ଭିଡ଼ ହେବ । ମନ୍ଦିର ପ୍ରଶାସନ ବି ନୂଆ ନିୟମ କରି ସିଂହଦ୍ୱାର ଆଗରେ ଓ ମନ୍ଦିର ବେଢ଼ା ଭିତରେ ମନ୍ଦିର ପ୍ରବେଶ ପୂର୍ବରୁ ବ୍ୟାରୀକେଡ୍ ମଧ୍ୟ ଦେଇ ଯିବାକୁ ବ୍ୟବସ୍ଥା କରିଛନ୍ତି । ଏତେ ଭିଡ଼ ଭିତରେ ଠିକ୍ ଭାବରେ ଦର୍ଶନ ମିଳିବ କି ନାହିଁ, ଅବଢ଼ା ଖାଇବାକୁ ମିଳିବ କି ନାହିଁ – ଏସବୁ କଥା ନିଖିଳେଶ ବାବୁଙ୍କ ମୁଣ୍ଡକୁ ଭାରି କରି ରଖିଥାଏ । ସେ ନିଜେ ଦେଖିଛନ୍ତି ଏସବୁଦିନ ମାନଙ୍କରେ କେତେ ଭିଡ଼ ହୁଏ । ପୁରୀରେ ସେ ଏକ ପବ୍ଲିକ୍ ସେକ୍ଟର୍ ବ୍ୟାଙ୍କର ବ୍ରାଞ୍ଚ୍ ମ୍ୟାନେଜର୍ ଭାବେ ଦୁଇବର୍ଷ କାର୍ଯ୍ୟ କରିଛନ୍ତି । ମନ୍ଦିର ଭିତରେ ତାଙ୍କ ବ୍ରାଞ୍ଚ୍‌ର ଏକ ସବ୍-ବ୍ରାଞ୍ଚ୍ ଚାଲୁଥିବା ଦୃଷ୍ଟିରୁ ସେ ଅନେକ ସମୟରେ ମନ୍ଦିର ପରିସର ଭିତରକୁ ଯାଇଥା'ନ୍ତି । ଅନେକ ସେବାୟତ ତାଙ୍କର ପରିଚିତ । ଦର୍ଶନାଭିଳାଷୀମାନେ କିପରି ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି, ତାହା ସେ ନିଜ ଆଖିରେ ଦେଖିଛନ୍ତି । ଏହିପରି ଅନେକ କଥା ଭାବୁ ଭାବୁ ତାଙ୍କୁ ନିଦ ହୋଇଯାଇଥିଲା ।

ପରଦିନ ଯଥା ସମୟରେ ଗାଡ଼ି ଆସି ପହଞ୍ଚିଲା । ନିଖିଳେଶବାବୁ ପତ୍ନୀଙ୍କ ସହିତ ବାହାରି ପଡ଼ିଲେ ଓ ବାଟରେ ସାଗରିକାକୁ ନେଇ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ ହେଲା । ରାସ୍ତାରେ ସହରର ବିଭିନ୍ନ ସ୍ଥାନରେ ପୂଜାମଣ୍ଡପ ଶୋଭା ପାଉଥିଲା । ସେସବୁ ଅତିକ୍ରମ କରି ସହର ଭିତରୁ ବାହାରିବାକୁ ଟିକିଏ ଅଧିକ ସମୟ ଲାଗିଲା । ସହରରୁ ବାହାରିଲା ପରେ ଅତି ସୁନ୍ଦର ଫୋର୍‌ଲେନ୍ ରାସ୍ତା । ଅନେକ ଗାଡ଼ି, ଟୁରିଷ୍ଟ ବସମାନ ପୁରୀ ଅଭିମୁଖେ ଯାତ୍ରା କରୁଥିଲେ । ରାସ୍ତାର ଦୁଇ ପାର୍ଶ୍ୱରେ ଶାରଦୀୟ ଶୋଭାର ଅପୂର୍ବ ଦୃଶ୍ୟରାଜି ସହିତ ସୁଲୁସୁଲିଆ ପବନରେ କାଶତଣ୍ଡୀ ଫୁଲର ରୂପ ଲାବଣ୍ୟ ଅତ୍ୟନ୍ତ ମନମୁଗ୍ଧକର ଥିଲା । ରାସ୍ତାପାର୍ଶ୍ୱରେ ସ୍ଥାନେ ସ୍ଥାନେ ପଇଡ଼ବିକାଳି ମାନଙ୍କ ପାଖରେ ଗାଡ଼ି ଅଟକାଇ ଯାତ୍ରୀମାନେ ପଇଡ଼ ପିଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ବାଟରେ ସାଗରିକା ପଚାରିଲା – "ଭାଇ, ମନ୍ଦିରରୁ ଯା'ଙ୍କ ପାଇଁ (ତା' ସ୍ୱାମୀଙ୍କ ପାଇଁ) ଟିକିଏ ଅବଢ଼ା ଆଣି ହେବନି ?"

"ସେଠାରେ ପହଞ୍ଚିଲା ପରେ ଦେଖିବା କ'ଣ ହୋଇପାରିବ" – ବୋଲି କହିଥିଲେ ନିଖିଳେଶ ବାବୁ ।

ପୁରୀ ଟାଉନ୍ ଭିତରକୁ ପ୍ରବେଶ କଲାବେଳକୁ ସମୟ ଦିନ ବାରଟା ହୋଇଯାଇଥିଲା । ପାର୍କିଙ୍ଗ୍‌ରେ ଗାଡ଼ି ରଖି ସମସ୍ତେ ମନ୍ଦିର ଅଭିମୁଖେ ଯାତ୍ରା କଲେ । ଅଷ୍ଟମୀ ତିଥି ଥିବାରୁ ବହୁ ଭକ୍ତଙ୍କର ସମାବେଶ ହୋଇଥିଲା । ବିଶେଷକରି ବଙ୍ଗୀୟ

ଯାତ୍ରୀମାନଙ୍କ ସଂଖ୍ୟା ଅଧିକ ଥିଲା । ବ୍ୟାରୀକେଡ୍ ଅତିକ୍ରମ କରି ମନ୍ଦିରରେ ପ୍ରବେଶ କଲାବେଳକୁ ପ୍ରାୟ ଦିନ ଦୁଇଟା ବାଜି ସାରିଥିଲା । ବାହାରେ ସିନା ବ୍ୟାରିକେଡ୍‌ର ବ୍ୟବସ୍ଥା ହୋଇଛି, ହେଲେ ମନ୍ଦିର ଭିତରେ ଚରମ ବିଶୃଙ୍ଖଳା । ଏତେ ଗହଳି ଭିତରେ ଦର୍ଶନ କରିବା କାଠିକର ପାଠ । ନିଖିଳେଶବାବୁ ଦୁଇଜଣଙ୍କୁ ଧରି କୌଣସି ଭାବରେ ଗରୁଡ଼ଖମ୍ବ ନିକଟରେ ପହଞ୍ଚିଗଲେ । ସେଠାରେ ବି ଠେଲାପେଲା । ସେଠାରୁ ବିଗ୍ରହମାନଙ୍କର ମୁହଁ ଦିଶୁ ନଥାଏ । ଦର୍ଶନ ମିଳିବାର ଆଶା ସେ ଛାଡ଼ିଦେଲେ । ଟିକେ ସମୟ ଛାଡ଼ି ସାହାସ କରି ଦୁଇଜଣଙ୍କ ହାତ ଧରି ଗୋଟିଏ ପଟରୁ ଆଗକୁ ଧୀରେ ଧୀରେ ଆଗେଇବା ସମୟରେ ଭୀଷଣ ଠେଲାପେଲାରେ ପତ୍ନୀଙ୍କର ହାତ ତାଙ୍କ ହାତରୁ ଖସିଗଲା । ସେ ଠେଲାପେଲାରେ କୁଆଡ଼େ ଗଲେ କିଛି ଦେଖାଯାଉ ନଥାଏ । ନିଖିଳେଶ ବାବୁ କ'ଣ କରିବେ କିଛି ଭାବିପାରୁ ନଥା'ନ୍ତି । ମନେ ମନେ ସେହି କାଳିଆକୁ ହିଁ ଡାକୁଥା'ନ୍ତି । ସାଗରିକାକୁ ଏକୁଟିଆ ଛାଡ଼ି ଭିତରେ ପଶିବାକୁ ସାହାସ ଜୁଟାଇପାରୁ ନଥା'ନ୍ତି । ସାଗରିକାକୁ ଧରି ଗରୁଡ଼ଖମ୍ବ ପଛ ଦେଇ ବାମପଟ କାନ୍ଥ ପାଖକୁ ପଳେଇଗଲେ ଓ ସେଠାରୁ କାନ୍ଥ ପାଖେ ପାଖେ ଯାଇ ବାହାରିବା ଦ୍ୱାର ଦେଇ ବାହାରକୁ ଆସି ଦେଖନ୍ତି ତ ନୀହାରିକା ଗୋଟିଏ କଡ଼କୁ ଏକୁଟିଆ ଠିଆ ହୋଇଛନ୍ତି । ନିଖିଳେଶ ବାବୁ ରାଗରେ ତାଙ୍କୁ କିଛି କହିବା ପୂର୍ବରୁ ସେ ଓଲଟା ତାଙ୍କ ଉପରେ ବିରକ୍ତ ହୋଇ ପଚାରିଲେ – "କ'ଣ, ଦର୍ଶନ କଲ ନା ନାହିଁ ?"

ନିଖିଳେଶବାବୁ ବିରକ୍ତ ହୋଇ କହିଲେ – "କେମିତି ଦର୍ଶନ କରିଥା'ନ୍ତୁ ତମକୁ ଛାଡ଼ିଦେଇ । ଦେଖି ପାରୁନ, କେତେ ଭିଡ଼ ହୋଇଛି ! ଆଉ ସେତିକିବେଳକୁ ତମେ ଆଗକୁ ଠେଲିହୋଇ ଚାଲିଗଲ ଯେ ତମେ କେଉଁ ସ୍ଥାନରେ ଅଛ କିଛିବି ଦିଶିଲା ନାହିଁ । ତା' ଛଡ଼ା ସାଗରିକାକୁ ଏକୁଟିଆ ଛାଡ଼ି ତମକୁ ଖୋଜିବାକୁ ଯିବାବି ସମ୍ଭବ ହେଲାନାହିଁ । ସେଥିରେ ପଚାରୁଛ ଯେ ଦର୍ଶନ ହେଲା କି ନାହିଁ । ଯାହା ହେଲା ହେଲା, ଚାଲ ବେଢ଼ା ଭିତରେ ଥିବା ଦେବାଦେବୀମାନଙ୍କୁ ଦର୍ଶନକରି ପଳେଇଯିବା ।"

"ଯାହାହେଉ, ମୁଁ କିନ୍ତୁ ଦର୍ଶନ କରିଦେଲି । ସେ ଯେଉଁ ପୁଲିସ୍‌ବାବୁ ସେଠି ଯିଏ ଠିଆ ହୋଇଛନ୍ତି, ତାଙ୍କୁ ଯାଇ ଅନୁରୋଧ କରିବାରୁ ସେ ବିନା ଦ୍ୱିଧାରେ ମୋତେ ନେଇ ଦର୍ଶନ କରେଇ ଆଣିଲେ । ତମେ ଆସ, ମୁଁ ତାଙ୍କୁ ସବୁ ଅସୁବିଧା କଥା କହିସାରିଛି । ଆଉଥରେ ଅନୁରୋଧ କଲେ ସେ କଥା ରଖିବେ ବୋଲି ମୋର ଆଶା" – ବୋଲି କହିଲେ ନୀହାରିକା ।

ନିହାରୀକାକୁ ପୁଣି ପାଖରେ ଦେଖି ପୁଲିସ୍‌ବାବୁ କହିଲେ – "କ'ଣ, ସମସ୍ତେ ପୁଣି ଏକାଠି ହୋଇଗଲ ? ଯାହାହେଉ, ଭଲହେଲା ।"

ନୀହାରିକା ଆଉଥରେ ଅନୁରୋଧ କରିବା ପୂର୍ବରୁ ପୁଲିସ୍‌ବାବୁ ପୁଣି ଥରେ ସମସ୍ତଙ୍କୁ ନେଇ ଦର୍ଶନ କରାଇ ନେଇଆସିଲେ । ସମସ୍ତେ ତାଙ୍କୁ କୃତଜ୍ଞତା ଜଣାଇବାରୁ ସେ କହିଲେ – "ଦେଖନ୍ତୁ ! ମୁଁ ମୋର କର୍ତ୍ତବ୍ୟ ହିଁ କରିଛି । ଆପଣମାନେ ସେଇ କାଳିଆକୁ କୃତଜ୍ଞତା ଜଣାନ୍ତୁ ।"

ପୁଲିସ୍‌ବାବୁଙ୍କଠାରୁ ବିଦାୟ ନେଇ ନିଖିଳେଶବାବୁ ପତ୍ନୀ ଓ ସାଗରିକା ସହିତ ବଟଗଣେଶ ପାଖରେ ପହଞ୍ଚିଲେ । ଏକ ଦୀର୍ଘଶ୍ୱାସ ଛାଡ଼ି ସେ କହିଲେ – "ଯାହାହେଉ, ଦର୍ଶନଟା ହୋଇଗଲା । ସେଇଟା ହିଁ ମୁଖ୍ୟକାର୍ଯ୍ୟ ଥିଲା । ଏଥର ଚାଲ, ବେଢ଼ାଭିତରେ ଥିବା ଦେବଦେବୀ ମନ୍ଦିରରେ ଦର୍ଶନ କରି ପଳେଇଯିବା । ଏ ଗହଳିରେ ଅବଢ଼ା ମିଳିବା ସମ୍ଭବନୁହେଁ । ମିଳିଲେ ବି ବସିବାକୁ ଟିକେ ଜାଗାବି ମିଳିବନି । ଗଲାବେଳେ ବାଟରେ ଢ଼ାବାରେ ଖାଇନେବା ।"

ସମୟ ପ୍ରାୟ ଅପରାହ୍ନ ତିନିଟା ହେବାକୁ ଯାଉଥାଏ । ବଟଗଣେଶ, କଳ୍ପବଟ ଓ ପାଖରେ ଥିବା ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରି ବିମଳାମନ୍ଦିର ଆଡ଼କୁ ଯିବା ବାଟରେ "ସାର୍ ନମସ୍କାର" ବୋଲି କହି ନିଖିଳେଶ ବାବୁଙ୍କ ସାମ୍ନାରେ ଜଣେ ଭଦ୍ରବ୍ୟକ୍ତି ଠିଆ ହୋଇଗଲେ । ସେବାୟତଙ୍କ ପୋଷାକରେ ଥାଆନ୍ତି ସେ । ବହୁତ ଖୁସିହୋଇ କହିଲେ – "ଆଜି ମୋର ବଡ଼ ଭାଗ୍ୟ । ଏତେଦିନ ପରେ ଏପରି ଏକ ପବିତ୍ର ଦିନରେ ମନ୍ଦିର ଭିତରେ ଆପଣଙ୍କ ସହ ଭେଟ ହେବବୋଲି ମୁଁ ଭାବି ନଥିଲି । ସବୁ ସେଇ କାଳିଆର ଇଚ୍ଛା ।"

ନିଖିଳେଶବାବୁ ମଧ ଆଶ୍ଚର୍ଯ୍ୟ ହୋଇ ପଚାରିଲେ – "କେମିତି ଅଛନ୍ତି ମହାପାତ୍ର ବାବୁ ? ମୁଁ ପୁରୀରୁ ଟ୍ରାନ୍ସଫର୍ ହୋଇଗଲା ପରେ ଅନେକଥର ମନ୍ଦିରକୁ ଆସିଛି । ଆପଣଙ୍କୁ ଫୋନ୍ କରିଛି, ହେଲେ ଯୋଗାଯୋଗ ହୋଇପାରିନି । ବୋଧେ ଆପଣ ନୂଆ ନମ୍ବର ନେଇଛନ୍ତି ଯାହା ମୁଁ ଜାଣିନି । ଯାହାହେଉ, କାଳିଆର ଦୟାରୁ ଭେଟ ମିଳିଗଲା ।"

ସେ ବହୁ ଆଦରର ସହ ବେଢ଼ା ଭିତରେ ଥିବା ତାଙ୍କର ଗୋପୀନାଥ ମନ୍ଦିରକୁ ନେଇ ବସେଇଲେ । ପିଲା ପଠେଇ ଖାଇବା ପାଇଁ ଅବଢ଼ା ମଗେଇଲେ । ଅବଢ଼ା ଆସିବା ଭିତରେ ଅବଶିଷ୍ଟ

ପାର୍ଶ୍ୱ ଦେବଦେବୀମାନଙ୍କୁ ଦର୍ଶନକରି ପଳେଇ ଆସିବାକୁ ଅନୁରୋଧ କଲେ । ସେଇଆ ହିଁ ହେଲା । ପାର୍ଶ୍ୱ ଦେବଦେବୀ ଦର୍ଶନ କରି ପହଞ୍ଚିଲାବେଳକୁ ଅବଢ଼ା ଆସି ସାରିଥିଲା । ଘରକୁ ନେବାପାଇଁ ମଧ୍ୟ ଅଲଗା ଏ କୁଡୁଆରେ ପ୍ୟାକ୍ କରି ଅଣେଇଥିଲେ । ବହୁ ତୃପ୍ତିର ସହିତ ଅବଢ଼ା ସେବନ କରି, ମହାପାତ୍ରବାବୁଙ୍କୁ ଧନ୍ୟବାଦ ଜଣାଇ ସେଠାରୁ ବିଦାୟ ନେଲେ । ସମୟ ପ୍ରାୟ ପାଞ୍ଚଟା ବାଜିବାକୁ ଯାଉଥିଲା । ଗାଡ଼ି ବାଟ ମଙ୍ଗଳାଙ୍କ ପାଖରେ ଅଟକିଲା । ମା' ମଙ୍ଗଳାଙ୍କୁ ଦୀପ ଦେବାପାଇଁ ସମସ୍ତେ ଗାଡ଼ିରୁ ଓହ୍ଲେଇଲେ । ନିଖିଳେଶବାବୁ ଲକ୍ଷ୍ୟ କଲେ ଦୁଇ ଭଉଣୀଙ୍କ ଆଖିରୁ ଲୁହର ଧାର ବୋହିଯାଉଛି । ଦୁଇଜଣଯାକ ରୁମାଲ୍‌ରେ ଆଖି ପୋଛୁଛନ୍ତି । ନିଖିଳେଶବାବୁ କିଛି କହିଲେ ନାହିଁ । ଦୀପଦାନ ପରେ ଗାଡ଼ି ଭୁବନେଶ୍ୱର ଅଭିମୁଖେ ଯାତ୍ରା କଲା । କିଛି ସମୟ ନୀରବରେ ବିତିଗଲାପରେ ନିରବତା ଭଙ୍ଗକରି ସାଗରିକା କହିଲା – "ଭାଇ, ଆଜି ମୋର ଜୀବନ ଧନ୍ୟ ହୋଇଗଲା । ମୁଁ ଆଜି ଜଗନ୍ନାଥଙ୍କୁ ସ୍ୱ-ଚକ୍ଷୁରେ ଦେଖିଲି ।"

ନୀହାରିକା ବି କହି ଉଠିଲେ – "ଥରେ ନୁହେଁ, ମୁଁ ଆଜି ଦୁଇ ଦୁଇଥର ଦର୍ଶନ କଲି । ଥରେ ପୁଲିସ୍‌ବାବୁ ହୋଇ ଆମକୁ ଦର୍ଶନ ଦେଲେ, ଆଉଥରେ ମହାପାତ୍ରବାବୁଙ୍କ ରୂପରେ ଆସି ଆମକୁ ଅବଢ଼ା ଖୁଆଇଲେ । ଏସବୁ ମୁଁ ସେ ସମୟରେ ଜାଣିପାରିଲି ନାହିଁ; କିନ୍ତୁ ଗାଡ଼ିରେ ବସିଲାପରେ ମୋ ମନକୁ ଏଇକଥା ବାରମ୍ବାର ଆନ୍ଦୋଳିତ କଲା ଏବଂ ଆଖିରୁ ସ୍ୱତଃ ଲୁହ ଗଡ଼ିଆସିଲା ।

"ହଁ, ତମେମାନେ ଠିକ୍ କହୁଛ । ମୁଁ ଗତରାତ୍ରିରୁ ଦର୍ଶନ ହୋଇପାରିବ କି ନାହିଁ, ଅବଢ଼ା ମିଳିବ କି ନାହିଁ – ବିଷୟରେ ଚିନ୍ତାକରି ବହୁ ଉତ୍କଣ୍ଠା ଭିତରେ ଥିଲି । ବିଶ୍ୱାସ ଥିଲେ ସେ କେତେବେଳେ କାହାକୁ କେଉଁ ରୂପରେ ଦେଖାଦେବେ, ତାହା କହିବା ସମ୍ଭବ ନୁହେଁ । କଥାରେ ଅଛି ପରା – ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର –" ବୋଲି କହିଲେ ନିଖିଳେଶ ବାବୁ ।

ସାଗରିକା ଆଣିଥିବା ଅବଢ଼ାକୁ ତା'ର ସ୍ୱାମୀକୁ ଓ ପିଲାମାନଙ୍କୁ ଖାଇବାକୁ ଦେଇଥିଲା । ପ୍ରାୟ ବର୍ଷକ ଭିତରେ ତା'ର ସ୍ୱାମୀଙ୍କର ସ୍ୱାସ୍ଥ୍ୟରେ ବହୁତ ଉନ୍ନତି ହୋଇଛି । ସେ ଏବେ ଧୀରେ ଧୀରେ ଚାଲିପାରୁଛନ୍ତି ବୋଲି ଯାହା ନିଖିଳେଶ ବାବୁ କଥା ପ୍ରସଙ୍ଗରେ କହୁଥିଲେ । ଜୟ ଜଗନ୍ନାଥ ।

# ସାଂପ୍ରତିକ ସମାଜରେ ନାରୀର ସ୍ଥିତି

ଅଧ୍ୟାପିକା ନଳିନୀ ବେହେରା

ସାଂପ୍ରତିକ ସମୟରେ ନାରୀର ସ୍ଥିତି ଅନୁଧ୍ୟାନ କରିବା ପୂର୍ବରୁ ତା'ର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ମଧ୍ୟ ଆଲୋକପାତ କରିବାକୁ ହେବ । ନାରୀର ବର୍ତ୍ତମାନର ସ୍ଥିତି ଯାହା ଅଛି ଅତୀତରେ ତାହା ନଥିଲା, ଆଉ ଭବିଷ୍ୟତରେ କ'ଣ ରହିବ, ତାହା କେବଳ ସମୟ ହିଁ କହିବ । ଅବଶ୍ୟ ବର୍ତ୍ତମାନର ମୂଳଦୁଆ ଉପରେ ଭବିଷ୍ୟତ ନିର୍ଭରଶୀଳ । ସୃଷ୍ଟି ଓ ସମାଜ ଗଠନ ନିମିତ୍ତ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଗୋଟିଏ ପାର୍ଶ୍ୱ ଅଚଳ ହୋଇଗଲେ ମୁଦ୍ରାଟି ସମ୍ପୂର୍ଣ୍ଣ ଭାବରେ ଅଚଳ ପାଲଟିଯାଏ । କିନ୍ତୁ ପୁରୁଷତାନ୍ତ୍ରିକ ସମାଜରେ ନାରୀକୁ ତା'ର ଗୁରୁତ୍ୱ ଉପଲବ୍ଧି କରି ମଧ୍ୟ ତାକୁ ହେୟ ମନେକରାଯାଏ ଓ ତା'ର ସ୍ଥିତିକୁ ଅତି ନଗଣ୍ୟ ରୂପରେ ଗ୍ରହଣ କରାଯାଏ । ସେଥିପାଇଁ ସମାଜରେ ନାରୀ ଓ ପୁରୁଷକୁ ସମାନ ଭାବରେ ମଣିଷ ବୋଲି ଗ୍ରହଣ କରାଯାଏ ନାହିଁ । ସବୁବେଳେ ପୁରୁଷ ସର୍ବାଗ୍ରେ ନିଜକୁ ପରିଗଣିତ କରି ନାରୀକୁ ପାଦତଳର ଦାସ ରୂପେ ପରିଚିତ କରିଛି ।

କେଉଁ ଆବହମାନ କାଳରୁ ନାରୀର ଜୀବନଧାରା ଏଯାବତ୍ ବହୁ ଘାତ ପ୍ରତିଘାତ ଗତିଶୀଳ । ତା'ର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଅତୀତରେ କେତେ ଯେ ଯନ୍ତ୍ରଣା ସେ ସହିଛି, କେବଳ ଇତିହାସ ହିଁ ତା'ର ମୁକସାକ୍ଷୀ । ସମୟକ୍ରମେ ମାନବ ସମାଜର ବିକାଶ ହେବା ସହିତ ମଣିଷର ମାନସିକତାର ମଧ୍ୟ ପରିବର୍ତ୍ତନ ହୋଇଛି । ତଥାପି କେତେକ ରକ୍ଷଣଶୀଳ ପୁରୁଷସମାଜ ନାରୀ ସ୍ୱାଧୀନତାକୁ ସହ୍ୟ କରିପାରନ୍ତି ନାହିଁ । ଏଥିପାଇଁ ସେମାନେ ସହ୍ୟ କରିପାରନ୍ତି ନାହିଁ କାରଣ ତାକୁ ସବୁବେଳେ ଦାସୀ ରୂପରେ ରଖିବାକୁ ସେ ଇଚ୍ଛାକରେ । ସତେଯେପରି ସେ ଏକ ବସ୍ତୁ, ଅନାବଶ୍ୟକ ପଦାର୍ଥଟିଏ ଯାହାକୁ ଆମେ ଇଂରାଜୀରେ other ବୋଲି କହିଥାଉ । ସେଥିପାଇଁ ତା'ର ଗୁରୁତ୍ୱଟାକୁ ସେ ହେୟ ମନେକରେ । ପୁରୁଷ ନିଜେ ଈଶ୍ୱର ପାଲଟିଯାଇ ନିଜକୁ ସୁହାଇଲାଭଳି ସେ ଲେଖିବସେ ନାରୀପାଇଁ ପୁରାଣ, ସଂହିତା, ଉପନିଷଦ ଇତ୍ୟାଦି । ଆଉ ନାରୀ ସେ ପୁରାଣକୁ ମାନିବାକୁ ବାଧ୍ୟ ହୁଏ କାରଣ ତା' ମନରେ ଏମିତି ଭୟ ସୃଷ୍ଟି କରିଦିଆଯାଇଥାଏ ଯେ ଯଦି ଏହି ଉକ୍ତିକୁ ଉପେକ୍ଷା ସେ କରେ ତେବେ ସିଏ ନର୍କଗାମୀ ହେବ । ଯେଉଁଥିରେ କେବଳ ନାରୀ ପାଇଁ ନୀତିନିୟମ ଲିପିବଦ୍ଧ ହୋଇଥାଏ, ପୁରୁଷ ପାଇଁ ନୁହେଁ । ନାରୀର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଗୋଟିଏ ଧାରାରେ ବା ନିୟମରେ ତାକୁ ଚଳିବାକୁ ନିର୍ଦ୍ଦେଶ ଦିଆହୋଇଥାଏ । ତା' ଆଚରଣର ଆଉ ଉଚ୍ଚାରଣରେ କିଛି କମା, ହାଇଫେନ୍ ଆଉ ପ୍ରଶ୍ନବାଚୀ ଆଉ ପୂର୍ଣ୍ଣଚ୍ଛେଦ ଦିଆଯାଏ । ସେ କେମିତି ଚାଲିବ, କେମିତି ବୋଲିବ, କେତେ ସହିବ, କେମିତି ବସିବ, କ'ଣ କରିବା ଉଚିତ୍, କ'ଣ ନକରିବା, ଏମିତିକି ତା'ର ପ୍ରତିଦିନ ସକାଳୁ ଶୋଇବା, ଉଠିବା, ଖାଇବା ଇତ୍ୟାଦିଠାରୁ ଆରମ୍ଭ କରି ମୈଥୁନ ପର୍ଯ୍ୟନ୍ତ ତା' ପାଇଁ ନୀତି ନିୟମ ଲିପିବଦ୍ଧ ହୋଇ ରହିଥାଏ । ଆଉ ଯିଏ ଏସବୁ ବିଧିକୁ ମାନି ଚଳିଲା, ସେ ସୁଲକ୍ଷଣି ହେଲା, ଆଉ ଯିଏ ବିଧି ଉଲ୍ଲଂଘନ କଲା ସେ ଅଲକ୍ଷଣିର ଆଖ୍ୟା ପାଇଲା । ଖାଲି ନାମକୁ ମାତ୍ର କୁହାଯାଏ ନାରୀ, ପୁରୁଷ ସମାନ । ହେଲେ ପୁରୁଷ କେବେବି ନାରୀକୁ ତା' ସହିତ ସମାନ ହେବାକୁ ଦିଏନାହିଁ । ପୁରୁଷର ଅହଙ୍କାର ପାଖରେ ନାରୀର ସ୍ଥିତି ଅତି ନିଷ୍ପ୍ରଭ । ଗୋଟିଏ ସଫଳ ପୁରୁଷ ପଛରେ ଗୋଟିଏ ନାରୀର ପ୍ରଚ୍ଛନ୍ନ ହାତ ଥାଏ । ତା' ପ୍ରଜ୍ଞା ଓ ସ୍ଥିତିକୁ ତାରିଫ କରାଯାଏ । ହେଲେ ଜଣେ ସଫଳ ନାରୀପାଇଁ ପ୍ରଥମେ ପୁରୁଷ ହିଁ ପ୍ରତିବନ୍ଧକ ସାଜିଥାଏ । କାରଣ ସିଏ ନିଜର ସ୍ଥିତିଠାରୁ ନାରୀକୁ କେବେବି ଶୀର୍ଷକୁ ଯିବାପାଇଁ ଦିଏନାହିଁ । ଆଉ ଯିଏ ତାକୁ ଅତିକ୍ରମି ଆଗକୁ ଗଲା, ସେ ଲାଗିପଡ଼େ ତା'ର ପକ୍ଷ ଛେଦନ ନିମନ୍ତେ । ସେ ଜାଲ ବିଛାଏ, କେତେ ଫନ୍ଦି ଫିକର କରେ ତା'ର ଉଡ଼ାଣକୁ ଭୂ-ପତିତ କରିବା ପାଇଁ । କାରଣ ଏଇଟା ହେଉଛି ଆମର ପୁରୁଷପ୍ରାଧାନ୍ୟ ସମାଜ ଯେଉଁଠିକି ବେଶି ପୁରୁଷମାନଙ୍କୁ ଗୁରୁତ୍ୱ ଦିଆଯାଏ । ଯେତିକି ପୁଅର କୃତିତ୍ୱରେ ପରିବାର ଖୁସି ହୁଏ, ଝିଅର କୃତିତ୍ୱରେ ସେତିକିଟା ଖୁସି ହୋଇପାରେ ନାହିଁ । ଧରାଯାଉ ଗୋଟିଏ ପରୀକ୍ଷା ପୁଅ ଓ ଝିଅ ଉଭୟେ ପରୀକ୍ଷା ଦେଇଥିବେ ଆଉ ଉକ୍ତ ପରୀକ୍ଷାରେ ପୁଅ ଅକୃତକାର୍ଯ୍ୟ ହୁଏ ଆଉ ଝିଅ କୃତକାର୍ଯ୍ୟ, ତାହାହେଲେ ତା'ର କୃତକାର୍ଯ୍ୟରେ ପରିବାର ଖୁସି ହୋଇପାରେ ନାହିଁ । କାରଣ ଘରପାଇଁ ବେଶି ଗୁରୁତ୍ୱପୂର୍ଣ୍ଣ ପୁଅ ହୋଇଥାଏ, ଝିଅ ନୁହେଁ । କାହିଁକି ନା ପୁଅ ପୁତ୍ ନାମକ ନର୍କରୁ ଉଦ୍ଧାର କରିଥାଏ । ପରିବାର ପ୍ରତିପୋଷଣ କରିବାର ଦାୟିତ୍ୱ କେବଳ ପୁଅର ଥାଏ, କନ୍ୟାର ନୁହେଁ । ବାର୍ଦ୍ଧକ୍ୟରେ ଆଶ୍ରାବାଡ଼ି ପୁତ୍ର ହୋଇଥାଏ, କନ୍ୟା ନୁହେଁ ।

ଆଉ କୁଆଡ଼େ କନ୍ୟା ଉପାର୍ଜିତ ଧନ ଖାଇଲେ ପିତୃପୁରୁଷ ନର୍କଗାମୀ ହୁଅନ୍ତି । ଏସବୁ ହୀନ ମାନସିକତା କେବଳ ନାରୀକୁ ନ୍ୟୁନ ରୂପରେ ଦର୍ଶାଇବା ପାଇଁ ।

ଅତୀତରେ ଆମ ସମାଜ ମାତୃକେନ୍ଦ୍ରୀୟ ଥିଲା, ହେଲେ ପୁରୁଷର ଚାଲାକପଣ ଯୋଗୁଁ ସମୟକ୍ରମେ ପୁରୁଷ ବା ପିତୃକୈନ୍ଦ୍ରିକରେ ପରିଣତ ହୋଇଗଲା । ପ୍ରାଚୀନ କାଳରେ ଆଦିମ ଅଧିବାସୀମାନେ ଦଳବଦ୍ଧ ହୋଇ ଜୀବନଯାପନ କରୁଥିଲେ । ସେ ସମୟରେ ନାରୀ ପୂର୍ଣ୍ଣ ସ୍ୱାଧୀନତା ଥିଲା ନିଜର ଜୀବନ ଜିଇଁବା ଶୈଳୀରେ । ନିଜ ଇଚ୍ଛାରେ ସେ ଆହାର, ବିହାର, ଏମିତିକି ମୈଥୁନ ମଧ୍ୟ ନିଜ ଇଚ୍ଛା ମୁତାବକ ପୁରୁଷ ସହିତ କରିପାରୁ ଥିଲା । ସେଥିପାଇଁ କୌଣସି ଧରାବନ୍ଧା ନୀତି ନିୟମ କି ବନ୍ଧନ ନଥିଲା ତା' ପାଇଁ । ସ୍ୱାଧୀନ ଭାବରେ ସେ ବଞ୍ଚୁଥିଲା । ତା' ଗର୍ଭରେ ବଢୁଥିବା ସନ୍ତାନର ପିତା କିଏ ସମାଜ ଜାଣେନାହିଁ । ମା' ହିଁ କେବଳ ଏକମାତ୍ର ପରିଚୟ ଥିଲା ସନ୍ତାନର । ଯିଏକି ତାକୁ ସିଏ ଗର୍ଭରେ ଧାରଣ କରିଥିଲା । ସେ ସମୟରେ ନାରୀ, ପୁରୁଷ ଉଭୟ କୃଷିକାମଠାରୁ ଆରମ୍ଭ କରି ଯାବତୀୟ କଷ୍ଟକାମ ମଧ୍ୟ ସେ କରୁଥିଲା । ପୁରୁଷ, ନାରୀର କୌଣସି ତାରତମ୍ୟ ନଥିଲା କି ସେ ସମୟରେ ନାରୀଟି ଅବଳା, ଦୁର୍ବଳତା ନଥିଲା । ସେ ବି ସବଳା ଥିଲା କଠିନରୁ କଠିନତମ କାମ ମଧ୍ୟ ସେ ପୁରୁଷର ବିନା ସହୟତାରେ କରିପାରୁ ଥିଲା । ତା' ପାଇଁ ସେ ସମୟରେ ଅବଳା କି ନାରୀ ଶବ୍ଦ ନଥିଲା । ସେ କେବଳ ମଣିଷ ଥିଲା ଠିକ୍ ପୁରୁଷ ପରି । ପରବର୍ତ୍ତୀ ସମୟରେ ତାକୁ ନାରୀ ଆଖ୍ୟା ଦିଆଗଲା । ସେଥିପାଇଁ ସିମୋନ୍ ଦା ବେଭାର୍ ତାଙ୍କର "ସେକେଣ୍ଡ ସେକ୍ସ" ପୁସ୍ତକରେ ଲେଖିଛନ୍ତି । "One is not born, but rather becomes a woman." ନାରୀଟି ନାରୀହୋଇ କେବେ ଜନ୍ମ ହୋଇ ନଥାଏ । ତାକୁ ନାରୀ କରିଦିଆଯାଇଥାଏ । ନାରୀର ହୃଦୟ ଅତି ସରଳ ଓ କୋମଳ ବୋଲି ଚାଲାକ ପୁରୁଷଟି ଠିକ୍ ଜାଣେ । ସେଥିପାଇଁ ସେ ଏକ ସଠିକ୍ ସୁଯୋଗର ଅପେକ୍ଷାରେ ଥାଏ । ନାରୀଟି ଯେତେବେଳେ ଅନ୍ତସତ୍ତ୍ୱା ହୋଇଥାଏ, ସେତେବେଳେ ସନ୍ତାନର ସମସ୍ତ ଦାୟିତ୍ୱ ନାରୀ ଉପରକୁ ଆସିଥାଏ । ପ୍ରସବ ପରେ ପରେ ସେ ସନ୍ତାନର ଲାଳନ ପାଳନ ନିମନ୍ତେ ଗୃହରେ ରହିଯାଏ । ଆଉ ସେହି ସମୟରେ କେବଳ ପୁରୁଷ ବାହାରକୁ ଯାଇଥାଏ ଖାଦ୍ୟ ଅନ୍ୱେଷଣରେ । ଏହି ସମୟରେ ପୁରୁଷ ହୋଇଥାଏ ଉପାର୍ଜନକ୍ଷମ ଆଉ ନାରୀ ଗୃହ କାମରେ ଲିପ୍ତ ରହେ । ଏହାର ସୁଯୋଗରେ ପୁରୁଷ ପାଲଟିଗଲା ଗୃହର ସ୍ୱାମୀ ଆଉ ନାରୀ ଗୃହବନ୍ଦୀ ।

ପାଶ୍ଚାତ୍ୟ ସଭ୍ୟତାରେ ମଧ୍ୟ ଠିକ୍ ସମାନବସ୍ଥା ଦେଖିବାକୁ ମିଳିଥିଲା । ଯେତେବେଳେ କୃଷିକାର୍ଯ୍ୟ ନାରୀ, ପୁରୁଷ ସମାନ ଭାବରେ କରୁଥିଲେ, ସେତେବେଳ ପର୍ଯ୍ୟନ୍ତ ନାରୀ, ପୁରୁଷ ଭିତରେ କିଛି ଭେଦଭାବ ନଥିଲା । କିନ୍ତୁ ଯେତେବେଳେ ଶିଳ୍ପର ପ୍ରତିଷ୍ଠା ହେଲା, ସେତେବେଳେ କେବଳ ପୁରୁଷମାନେ କାମ କରିବା ପାଇଁ କାରଖାନାକୁ ଗଲେ ଆଉ ନାରୀ ଗୃହ କାମରେ ନ୍ୟସ୍ତ ରହିଲେ । ତା' ପରେ ସମାଜ ପାଲଟିଗଲା ସମ୍ପୂର୍ଣ୍ଣ ଭାବରେ ପୁରୁଷତାନ୍ତ୍ରିକ । ଆଉ ଆରମ୍ଭ ହେଲା ନାରୀମାନଙ୍କ ଉପରେ ଦମନଲୀଳା ଓ ପୀଡ଼ନର କରୁଣ ଅଧ୍ୟାୟ । ନିଜକୁ ପ୍ରଭୁ ବୋଲାଇ ନାରୀକୁ ପାଦତଳର କିଙ୍କରି କରି ରଖିଲା । ଦୁହିଁଙ୍କ ମଧ୍ୟରେ ହୋଇଥିଲା ନିଜର ସ୍ୱାଧୀନତାକୁ ନେଇ ଘୋର ଲଢ଼େଇ । ହେଲେ ଶେଷରେ ପୁରୁଷର କର୍ତ୍ତୃତ୍ୱକୁ ମଥାପାତି ମାନିନେବା ପାଇଁ ବାଧ୍ୟ ହୋଇଥିଲା । ପୁରୁଷର ଅମାନୁଷିକ ଅତ୍ୟାଚାର ପାଖରେ ନିଜକୁ ଓ ନିଜର ସ୍ୱାଧୀନତାକୁ ସମର୍ପଣ କରି ପୁରୁଷର ଅଧୀନତାକୁ ମଥାପାତି ସ୍ୱୀକାର କରିନେଲା । ଆଉ ନିଜ ଭାଗ୍ୟଡ଼ୋରକୁ ପୁରୁଷ ହାତରେ ଧରାଇଦେଇ ତା' ଭାଗ୍ୟ ସହିତ ନିଜ ଭାଗ୍ୟକୁ ମିଶାଇଦେଇ ନିଜ ଭାଗ୍ୟ ନେଇ ପଡ଼ିରହିଲା । ଆଉ ତା' ପରେ ଲେଖାଗଲା ନାରୀର ସ୍ୱାଧୀନତାକୁ ସଙ୍କୁଚିତ କରିବା ପାଇଁ ନୀତିନିୟମର ଏକ ବିରାଟ ସଂହିତା । ପୁରୁଷତାନ୍ତ୍ରିକ ସମାଜରେ ପୁରୁଷର ନିର୍ଦ୍ଦେଶକ୍ରମେ ନିୟମକାନୁନ୍ ତିଆରି ହୋଇ ବେଦରଗାର ପାଲଟିଗଲା । ନାରୀଟି ଏକପ୍ରକାର ବାଧ୍ୟ ହୋଇଗଲା ମାନିବା ପାଇଁ ଲିପିବଦ୍ଧ ହୋଇଥିବା ନାରୀ ସଂହିତା । ସେ ଏମିତି କୁ-ସଂସ୍କାରର ବୁଢ଼ିଆଣୀଜାଲ ମଧ୍ୟରେ ଛନ୍ଦି ହୋଇଗଲା ଯେ ସେ ଚାହିଁଲେ ବି ସେଥିରୁ ନିସ୍ତାର ପାଇପାରିଲା ନାହିଁ । ଝିଅଟିଏ ଜନ୍ମହେଲେ ଶୈଶବରୁ ତାକୁ ନୀତିଶିକ୍ଷା ଦିଆଯାଏ ଯେ ସେ କେମିତି ନାରୀଧର୍ମ ପାଳନ କରିବ, ସଂସ୍କାରୀ ହେବ, ଶାଶୁଘର ଲୋକଙ୍କ ମନ ଜିଣିବ, ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ସେବା କରିବ, ସେମାନେ ଯାହା କହିବେ ସବୁ ସହିଯିବ । କେବେବି ପ୍ରତିବାଦ କରିବ ନାହିଁ, ତା' ପ୍ରତି ଅନ୍ୟାୟ, ଅତ୍ୟାଚାର ଯାହାବି ହେଉ ସବୁକୁ ମଥାପାତି ସହିନେବ । କନ୍ୟା ସନ୍ତାନର ନୁହେଁ, ପୁତ୍ର ସନ୍ତାନର ଜନନୀ ହେବ । ତେବେଯାଇ ନାରୀଟି ଶାଶୁଘରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବ ହେଲେ କେହିଜଣେ ତାକୁ କହନ୍ତି ନାହିଁ ଯେ ସେ ଭଲ ମଣିଷ ହେବାପାଇଁ । କାରଣ ତାକୁ କିଏ ମଣିଷ ରୂପରେ ଗଣନ୍ତି ନାହିଁ । ସେ କେବଳ ନାରୀ, ପୁରୁଷର ବିପରୀତ ଶବ୍ଦଟିଏ ମାତ୍ର । ଆଉ ଏଇଟାକୁ ବାମା ବୋଲି କୁହନ୍ତି କାରଣ ସିଏ ପୁରୁଷର ବାମ ପାର୍ଶ୍ୱରେ ଆସୀନ

ଥାଏ । ବାମର ଅନ୍ୟଏକ ଅର୍ଥ ବିପରୀତ ବା ଦୁର୍ଭାଗ୍ୟ । ସେଥିପାଇଁ ନାରୀକୁ ଦୁର୍ଭାଗ୍ୟ ସହିତ ତୁଳନା ମଧ୍ୟ କରାଯାଏ । ପୁତ୍ରସନ୍ତାନ ଜନ୍ମହେଲେ ନାରୀକୁ ସୌଭାଗ୍ୟବତୀ କୁହାଯାଏ, ଆଉ କନ୍ୟା ସନ୍ତାନର ଜନନୀକୁ ହତଭାଗୀ ।

ସାଂପ୍ରତିକ ସମାଜରେ ନାରୀ, ପୁରୁଷପରି ସଶକ୍ତ ହୋଇପାରିଛି । ଶିକ୍ଷା, ଦୀକ୍ଷା, କର୍ମନିଯୁକ୍ତି, କଳା ସଂସ୍କୃତି, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ନାରୀ ବହୁତ ସୁନାମ ଅର୍ଜନ ମଧ୍ୟ କରିପାରିଛି । ନାରୀ, ପୁରୁଷ ମଧ୍ୟରେ ସାମଞ୍ଜସ୍ୟକୁ ସମସ୍ତେ ମଧ୍ୟ ହୃଦୟଙ୍ଗମ କରୁଛନ୍ତି । ସେ, ତା'ର ଅଧିକାର ପାଇଁ ଏବେ ବହୁତ ସଚେତନଶୀଳ । ଏଥିନିମିତ୍ତ ସରକାର ସ୍ତରରେ ମଧ୍ୟ ଅନେକ ସୁବିଧାସୁଯୋଗ ମହିଳାମାନଙ୍କ ପାଇଁ ଉପଲବ୍ଧ ହୋଇପାରିଛି । ଆଉ ମଧ୍ୟ ମହିଳାମାନଙ୍କ ଉନ୍ନତି ନିମିତ୍ତ ସରକାର ବହୁତ ଯୋଜନା ମଧ୍ୟ କରିଛନ୍ତି । ଏସବୁ ସତ୍ତ୍ୱେ ନାରୀ ସ୍ଥିତି ସମାଜରେ ଅତି ନିମ୍ନ ଓ ନଗଣ୍ୟ । ଏବେମଧ୍ୟ ସମାଜରେ ନାରୀ ଅପେକ୍ଷା ପୁରୁଷକୁ ଅଧିକ ପ୍ରାଧାନ୍ୟ ଦିଆଯାଏ । ବଂଶରକ୍ଷା ପାଇଁ ଏବେବି ମା' ବୁଢ଼ୀ ବାସୁଳେଇ ପାଖରେ ଭୋଗଲାଗି ହୁଏ । ମାନସିକ ଯଚା ଯାଏ । ଯେତିକି ଘରେ ପୁଅଟିଏ ଜନ୍ମହେଲେ ହସଖୁସିରେ ପୂରିଉଠେ, ସେତିକି ଝିଅପାଇଁ ହୁଏନାହିଁ । ସବୁବେଳେ ପୁଅ ଆଉ ଝିଅ ମଧ୍ୟରେ ପାତରଅନ୍ତର ହୋଇଥାଏ । ଏବେବି ଝିଅକୁ ପରଧନ ବୋଲି କୁହାଯାଏ । ଏବେବି ଯୌତୁକ ଜୁଇରେ ନାରୀଟିଏ ଶୋଇଥାଏ । ଏବେବି ନାରୀ ସ୍ୱାଧୀନରେ ଘରକୁ ଏକା ଏକା ଫେରିଲେ ମଧ୍ୟ ମନରେ ଅନେକ ଆଶଙ୍କା ଥାଏ । ଛାତି ଭିତରେ ଦକା ପଶିଯାଏ ତା' ସୁରକ୍ଷାକୁ ନେଇ । ସବୁବେଳେ ଗୋଟିଏ ଅଘଟଣର ଆଶଙ୍କା ମନ ମଧ୍ୟରେ ରହିଥାଏ । ନାରୀମାନଙ୍କ ପାଇଁ ସରକାରଙ୍କର ସଂରକ୍ଷଣର ବ୍ୟବସ୍ଥାକୁ କେତେକ ରଢ଼ିବାଦୀ ଅସହିଷ୍ଣୁ ପୁରୁଷସମାଜ ଏହାକୁ ସହଜରେ ହଜମ କରିପାରେ ନାହିଁ । ସେ ପ୍ରତିବାଦ କରେ ବିଭିନ୍ନ ଆଳରେ । ଶିକ୍ଷା କ୍ଷେତ୍ରରେ ହେଉ କି କର୍ମକ୍ଷେତ୍ରରେ ନାରୀଟି ଏହା ବେଶି ଉପଲବ୍ଧି କରେ । ଏ ଅସହିଷ୍ଣୁ ଭାବକୁ ସେଥିପାଇଁ ସେ ପୁରୁଷର ତତଲା ଲୋଲୁପ ଦୃଷ୍ଟିର ଶୀକାର ହୋଇଥାଏ ବାରମ୍ବାର । ସବୁବେଳେ ତା' ଦେହ ଉପରେ ଥାଏ ତା'ର ପାପ ନଜର । ପୁରୁଷତାନ୍ତ୍ରିକ ସମାଜର ବିଧି ବନ୍ଧନକୁ ଉଲ୍ଲଂଘନ କଲେ ଝିଅମାନେ ଧର୍ଷଣ ଓ ଗଣଧର୍ଷଣର ଶିକାର ହୁଅନ୍ତି ଏପରିକି ହତ୍ୟା ମଧ୍ୟ । ସତେଯେମିତି ଯେଉଁ ନାରୀମାନେ ନିଜ ସ୍ୱାଧୀନତାକୁ ଉପଭୋଗ କରୁଛନ୍ତି, ସେମାନଙ୍କ କେବଳ ଯେ ଏ ଅମାନୁଷିକତାର ଶିକାର ହେଉଛନ୍ତି ତାହା ନୁହେଁ । ଯେଉଁ ମହିଳାମାନେ ଘରେ ରହନ୍ତି, ଗାଁ'ରେ ରହନ୍ତି ସେମାନେ ଶ୍ଳୀଳତାହାନୀ, ଧର୍ଷଣ, ଗଣଧର୍ଷଣର ଶିକାର ହୁଅନ୍ତି ନାହିଁ, ତାହା ଭାବିବା ଭୁଲ୍ । କାରଣ ରାବଣମାନେ ଆଉ ତିନିଗାର ସେ ପାଖରେ ନାହାନ୍ତି, ତିନିଗାର ଭିତରେ ମଧ୍ୟ ଅନେକ ରାବଣ ଆତ୍ମଗୋପନ କରିଛନ୍ତି ।

ସେଥିପାଇଁ ନାରୀ କେବଳ ମାତ୍ର ଉପାଦାନ ଅବା ଉପଭୋଗ୍ୟ ବସ୍ତୁ ହୋଇ ରହିଯାଇଛି । କାମନା, ବାସନାର ଏକ ମୂର୍ତ୍ତି, ଯାହାର ଉପଭୋକ୍ତା ହେବାରେ ପୁରୁଷ ତିଳେମାତ୍ର ସଙ୍କୋଚ ପ୍ରକାଶ କରେନାହିଁ । ମାନବସମାଜ ଯେତେ ଉନ୍ନତି ପଥରେ ଅଗ୍ରସର ହେଉଛି, ସେତିକି ମଧ୍ୟ ନିମ୍ନ ମାନସିକତାର ଶିକାର ହେଉଛି । ନାରୀ ସମାଜରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ହେଲେ ଆହୁରି ମଣିଷ ମନର ପରିବର୍ତ୍ତନର ଆବଶ୍ୟକତା ରହିଛି । ଆଉ ମଧ୍ୟ ନାରୀ ତା'ର ଆତ୍ମପ୍ରତ୍ୟୟକୁ ଆହୁରି ସୁଦୃଢ଼ କରି ଯେ କୌଣସି ମୁହୂର୍ତ୍ତରେ ତା' ପ୍ରତି ଘଟଣା, ଦୁର୍ଘଟଣାକୁ ସାମ୍ନା କରିବା ପାଇଁ ଅମାପ ଧୈର୍ଯ୍ୟ ଓ ସାହସ ରହିବା ଦରକାର । ତେବେଯାଇ ସେ ସମାଜରେ ତିଷ୍ଠିପାରିବ ।

**ବହୁଗ୍ରାମ ଡିଗ୍ରୀକଲେଜ, କଟକ**

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ